୨୬ ବର୍ଷରେ

ସ୍ୱାର୍ଥ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.159 Bhubaneswar Tuesday July 30 2024 | ୨୬ତମ ବର୍ଷ ସଂଖ୍ୟା-୧୫୯ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୩୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକୁ ଫୁଁ' : ୨ମାସ ବିତିଲା, ଆଇପିଏସ୍ କୁଟ୍‌ଟେ ଓ ଆଶୀଷ ସିଂଙ୍କ ବିରୁଦ୍ଧରେ ହେଲାନି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ




ଭୁବନେଶ୍ୱର,୨୯।୭(ପି.ଏନ): ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକୁ ଦୁଇ ମାସ ବିତିଲାଣି । କିନ୍ତୁ ବିଜେଡି ଶାସନର ଦୁଇ ପାୱାରଫୁଲ ଆଇପିଏସ୍ ଡିଏସ୍ କୁଟ୍‌ଟେ ଓ ଆଶୀଷ କୁମାର ସିଂଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇପାରିଲା ନାହିଁ । ଓଲଟା ଏହି ଦୁଇ ଅଫିସରଙ୍କୁ ରାଜ୍ୟର ମୋହନ ମାଝୀ ସରକାର ଏଭଳି ନିଯୁକ୍ତି ଦେଇଛନ୍ତି ଯାହା ସେମାନଙ୍କ ପାଇଁ 'ଆଶୀର୍ବାଦ' ସଦୃଶ ହୋଇଛି । ଏପଟେ ବିଜେଡି ଶାସନର ଆଉଜଣେ ପାୱାରଫୁଲ ଆଇପିଏସ୍ ରବିକାନ୍ତଙ୍କୁ ବଦଳି କରାଯିବାର ୧୫ଦିନ ପରେ ମଧ୍ୟ ସେ କାର୍ଯ୍ୟରେ ଯୋଗ ଦେଇନଥିବା ଜଣାପଡିଛି । ତେବେ ନିର୍ବାଚନ ଆୟୋଗଙ୍କ କଡା ନିର୍ଦ୍ଦେଶ ସତ୍ତ୍ୱେ ବିଜେଡି ସରକାରରେ ନିଜକୁ ସର୍ବ ?ସର୍ବା ବୋଲାଉଥିବା ଆଇପିଏସ୍ କୁଟ୍‌ଟେ ଓ ତାଙ୍କ ସହଯୋଗୀ ଆଶୀଷ ସିଂଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ କାହିଁକି ବିଜେପି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ଏବଂ କିଏ ସେମାନଙ୍କର ସୁରକ୍ଷାଦାତା ସାଜିଛନ୍ତି ତାକୁ ନେଇ ପାୱାର କରିଡରରେ ଚର୍ଚ୍ଚା । ଏପରିକି ଗୃହ ବିଭାଗ ଏହି ଦୁଇ ଆଇପିଏସ ଅଫିସରଙ୍କୁ ଏପର୍ଯ୍ୟନ୍ତ ଡ୍ରାଫ୍ଟ ଚାର୍ଜସିଟ୍ (ସେମାନଙ୍କ ବିରୁଦ୍ଧରେ ଥିବା ଅଭିଯୋଗ) ନୋଟିସ୍ ପଠାଇବାକୁ ସକ୍ଷମ ହୋଇପାରିନଥିବା ସୂଚନା ମିଳିଛି।୧୯୯୭ ବ୍ୟାଚ୍ ଆଇପିଏସ୍ ଡିଏସ୍ କୁଟ୍‌ଟେ ଗତ ୧୮ତାରିଖ ଅପରାହ୍ନରେ ଗୃହ ବିଭାଗ ଓଏସଡି ଭାବେ ଯୋଗ ଦେଇଥିବା ନେଇ ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି । ତେବେ କୁଟ୍‌ଟେଙ୍କୁ ଗୃହ ବିଭାଗ ମେ' ୨୯ରୁ ନିଲମ୍ବନ କରିବା ଓ ଜୁଲାଇ ୧୫ତାରିଖରେ ତାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ହେବା ପର୍ଯ୍ୟନ୍ତ ସେ କେଉଁଠି ଥିଲେ, କାହା ଅନୁମତିରେ ଛୁଟିରେ ରହିଥିଲେ ଓ ନିର୍ବାଚନ ଆୟୋଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କୁ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଡ୍ରାଫ୍ଟ ଚାର୍ଜସିଟ୍ ନୋଟିସ୍ ଜାରି ହୋଇନଥିଲା ସେ ନେଇ ଗୃହ ବିଭାଗ ପାଖରେ କିଛି ସୂଚନା ନଥିବା ଜଣାପଡିଛି । ଚଳିତ ଜୁଲାଇ ୧୫ତାରିଖରେ ରାଜ୍ୟର ବିଜେପି ସରକାର କୁଟ୍‌ଟେଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରି ଓଲଟା ତାଙ୍କୁ ସମସ୍ତ ଶୃଙ୍ଖଳରୁ 'ସମ୍ପୂର୍ଣ୍ଣ ମୁକ୍ତ' କରିଦେଇଛନ୍ତି । ଗୃହ ବିଭାଗର ଓଏସଡି ଭାବେ କୁଟ୍‌ଟେଙ୍କୁ ନା ନିୟମିତ ଅଫିସ୍ ଆସିବାକୁ ପଡୁଛି, ନା ତାଙ୍କୁ ରେଜିଷ୍ଟରରେ ଦସ୍ତଖତ କରିବାକୁ ପଡୁଛି ନା ସିଏ କେଉଁଠି ରହୁଛନ୍ତି ତାହା କିଏ ଜାଣିବାର ସୁଯୋଗ ଅଛି ନା ତାଙ୍କ ଉପରେ କୌଣସି ଉତ୍ତରଦାୟିତ୍ୱ ଅଛି । ଅର୍ଥାତ୍ ବିଜେଡି ସରକାରରେ ଅଘୋଷିତ ଦ୍ୱିତୀୟ ସର୍ବ ?ସର୍ବା କୁଟ୍‌ଟେଙ୍କୁ 'ଓଏସଡି' କରି ବିଜେପି ସରକାର ଏବେ 'ଅବସର ବିନୋଦନ' କରିବା ପାଇଁ ଭରପୂର ସୁଯୋଗ ଦେଇଥିବା ଚର୍ଚ୍ଚା ହେଉଛି ।

## ଅତ୍ୟାଧୁନିକ ଉପକରଣରେ ହେବ ରତ୍ନଭଣ୍ଡାର ମରାମତି କାମ: ତଦାରଖ କମିଟି ବୈଠକରେ ନିଷ୍ପତ୍ତି



ପୁରୀ,୨୯।୭(ପି.ଏନ): ଆଜି ରତ୍ନଭଣ୍ଡାର ମରାମତିକୁ ନେଇ ତଦାରଖ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି । ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଅନ୍ୟ କମିଟି ସଦସ୍ୟ ଏବଂ ଏଏସଆଇ ବୈଷୟିକ କମିଟି ସଦସ୍ୟ ଉପସ୍ଥିତ ଥିଲେ । ରତ୍ନଭଣ୍ଡାର ମରାମତି ପୂର୍ବରୁ ଆଲମିରା ଓ ସିନ୍ଦୁକ ସ୍ଥାନାନ୍ତର ହେବ । ଏନେଇ ଶ୍ରୀମନ୍ଦିର ପ୍ରଶାସନ କକ୍ଷ ନିର୍ଦ୍ଧାରଣ କରିବେ ବୋଲି ଜଷ୍ଟିସ ବିଶ୍ୱନାଥ ରଥ ସୂଚନା ଦେଇଛନ୍ତି ।ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ସୂଚନା ଅନୁଯାୟୀ ଆଜି ରତ୍ନଭଣ୍ଡାର ଅଳଙ୍କାର ଗଣତି ନେଇ କୌଣସି ଆଲୋଚନା ହୋଇନାହିଁ । କେବଳ ରତ୍ନଭଣ୍ଡାର ମରାମତି ଉପରେ ଗୁରୁତ୍ୱାରୋପ କରାଯାଇଛି । ଶ୍ରୀମନ୍ଦିର ଢାଞ୍ଚା ଉପରେ କୌଣସି ପ୍ରଶ୍ନ ପ୍ରଶ୍ନବାଚୀ ସୃଷ୍ଟି ନହେବ, ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ବିଭ୍ରାଟ ସୃଷ୍ଟି ନହେବ ଏବଂ ଭକ୍ତଙ୍କ ଦର୍ଶନରେ କୌଣସି ସମସ୍ୟା ନହେବ ଆଦି ପ୍ରସଙ୍ଗକୁ ଦୃଷ୍ଟିରେ ରଖି କିପରି ରତ୍ନଭଣ୍ଡାର ଭିତରର ମରାମତି କାମ ହେବ ଏହା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଅତ୍ୟାଧୁନିକ ଉପକରଣ ବ୍ୟବହାର କରାଯାଇ ରତ୍ନଭଣ୍ଡାର ମରାମତି କାମ କରାଯିବ । ଏନେଇ ଏଏସଆଇ ଟେକ୍ନିକାଲ କମିଟି ମେମ୍ବର୍ସ ସରକାରଙ୍କ ସହ ଆଲୋଚନା କରିବା ପରେ କାମକୁ ତ୍ୱରାନ୍ୱିତ କରାଯିବ । ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାର ସମସ୍ତ ଉପାଦେୟ ତଥ୍ୟ ସମୟ କ୍ରମେ ପ୍ରକାଶ କରାଯିବ । ଏନେଇ କୌଣସି ସନ୍ଦେହଜନକ ଖବର ପ୍ରସାରଣ ନକରିବାକୁ ଗଣମାଧ୍ୟମକୁ ଅପିଲ କରିଛନ୍ତି ଜଷ୍ଟିସ୍ ଶ୍ରୀ ରଥ ।

## କାଉଡିଆଙ୍କ ଉପରେ ମାଡିଗଲା କାର, ମହିଳା କାଉଡିଆ ମୃତ, ୨ ଜଣ ଗୁରୁତର



ନିଶ୍ଚିନ୍ତକୋଇଲି,୨୯।୭(ପି.ଏନ); ଆଜି ଶ୍ରାବଣ ମାସର ଦ୍ୱିତୀୟ ସୋମବାର । ବୋଲ ବମ୍ ନାରାରେ କମ୍ପୁଛି ବିଭିନ୍ନ ଶୈବ ପୀଠ । ମହାଦେବଙ୍କ ଜଳଲାଗି କରି ମନସ୍କାମନା ପୂରଣ ପାଇଁ ବିଭିନ୍ନ ଶୈବ ପୀଠରେ କାଉଡିଆଙ୍କ ଭିଡ ଦେଖିବାକୁ ମିଳିଥାଏ । ଏଥିମଧ୍ୟରେ କଟକ ନିଶ୍ଚିନ୍ତକୋଇଲିରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । କାଉଡିଆଙ୍କ ଉପରେ କାର ମାଡିଯିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ କାଉଡିଆ ଆହତ ହୋଇଥିବା ଜଣାପଡିଛି ।ସୂଚନାରୁ ପ୍ରକାଶ ନିଶ୍ଚିନ୍ତକୋଇଲି ତହସିଲ ଛକ ବାବୁଜଙ୍ଗରୁ ପ୍ରାୟ ୩୭ ଜଣ କାଉଡିଆ ମିଶି ପାଣି ନେଇ ପାଇକରାପୁର ସିଦ୍ଧେଶ୍ୱର ମହାଦେବଙ୍କ ପାଖକୁ ଯାଉଥିଲେ । ସେହି ସମୟରେ ବିପରିତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ କାର କାଉଡିଆଙ୍କ ନିକଟକୁ ମାଡି ଆସି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଥିଲେ । ଆହତଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ଏସସିବି ମେଡିକାଲୁ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣାରେ ମୃତ ମହିଳା କାଉଡିଆ ବସପଦା ଜହ୍ନିପୁରର ଚିନ୍ମୟୀ ବେହେରା ବୋଲି ଜଣାପଡିଛି । ଏହି ଘଟଣା ପରେ ଅଭିଯୁକ୍ତ କାର ଡ୍ରାଇଭର ଜଣଙ୍କୁ ଅଟକ ରଖି ନିଶ୍ଚିନ୍ତକୋଇଲି ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

### ଭିଜିଲାନ୍ସ ଜାଲରେ ଅବକାରୀ କମିଶନର, ବାସଭବନ ଓ ଅଫିସ ସହ ଏକକାଳୀନ ୧୦ଟି ସ୍ଥାନରେ ରେଡ୍

ଭୁବନେଶ୍ୱର,୨୯।୭(ପି.ଏନ): ଭିଜିଲାନ୍ସ ଜାଲରେ ଅବକାରୀ ଯୁଗ୍ମ କମିଶନର । ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ରଙ୍କ ଘରେ ରେଡ୍ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଏକକାଳୀନ ୧୦ଟି ସ୍ଥାନରେ ଚଢ଼ାଉ କରିଥିବା ଜଣାପଡିଛି । ଭୁବନେଶ୍ୱର, ସୋନପୁର ଏବଂ ବଲାଙ୍ଗିର ସମେତ ଅନ୍ୟ ସ୍ଥାନରେ ଜାରି ରହିଛି ରେଡ୍। ଯୁଗ୍ମ କମିଶନରଙ୍କ ବାସଭବନ ଓ ଅଫିସରେ ମଧ୍ୟ ଚଢ଼ାଉ ଜାରି ରହିଛି । ଏହି ଚଢ଼ାଉ ଟିମରେ ୧୦ ଜଣ ଡିଏସପି ଏବଂ ୧୫ ଜଣ ଇନ୍ସପେକ୍ଟର ସାମିଲ ଥିବା ଜଣାପଡିଛି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୯ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ସାବଧାନ: ୩୧ ଓ ୧ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା !



ଭୁବନେଶ୍ୱର,୨୯।୭(ପି.ଏନ): ଆସନ୍ତା ୩୧ ଓ ୧ ତାରିଖରେ ଓଡିଶାରେ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଆଜି ଦିନ ତମାମ ରାଜଧାନୀ ଭୁବନେଶ୍ୱରର ପାଗ କାଉଁଳିଆ ରହିଥିଲା। ହେଲେ ସନ୍ଧ୍ୟା ବେଳେ ପ୍ରବଳ ବର୍ଷିଥିଲା। ଯେଉଁଥିପାଇଁ ରାଜଧାନୀରେ ଅନେକ ସ୍ଥାନ ଜଳମଗ୍ନ ହୋଇ ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ମଙ୍ଗଳବାର ଉତ୍ତର ଓଡିଶାରେ ପ୍ରବଳବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ମଞ୍ଚେଶ୍ୱର ଷ୍ଟେସନରେ ଲାଇନ୍‌ଚ୍ୟୁତ୍ ହେଲା ମାଲବାହୀ ଟ୍ରେନ୍, ଟ୍ରାକରୁ ଖସିଲା ୮ଟି ବଗି



ଭୁବନେଶ୍ୱର,୨୯।୭(ପି.ଏନ): ଭୁବନେଶ୍ୱର ସ୍ଥିତ ମଞ୍ଚେଶ୍ୱରରେ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ୍ ହୋଇଥିବା ଘଟଣା ସାମ୍ନାକୁ ଆସିଛି । ରେଲୱେ ଷ୍ଟେସନ ଲେବୁଲ କ୍ରସିଂ ନିକଟରେ ଟ୍ରେନ୍ ଲାଇନ୍‌ଚ୍ୟୁତ୍ ହୋଇଥିଲା । ତେବେ ଏହି ଦୁର୍ଘଟଣାରେ କୌଣସି କ୍ଷୟକ୍ଷତି କିମ୍ବା ଜୀବନ ହାନୀ ହୋଇନଥିବା ସୂଚନା ମିଳିଛି ।ସୂଚନାରୁ ପ୍ରକାଶ ରବିବାର ବିଳମ୍ବିତ ରାତି ୧ଟା ୩୫ରେ ଟ୍ରାକରୁ ଖସିଥିଲା ମାଲବାହୀ ଟ୍ରେନର ୮ଟି ବଗି । ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଟ୍ରାକ୍ ମରାମତି କାର୍ଯ୍ୟ ଶେଷ ହୋଇଛି । ବର୍ତ୍ତମାନ ଉଭୟ ଅପ୍ ଏବଂ ଡାଉନ୍ ଲାଇନରେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିବା ଜଣାପଡିଛି । ଅପରପକ୍ଷରେ ୨ଟି ଟ୍ରେନକୁ ବାତିଲ କରାଯିବା ସହ ୬ଟି ଟ୍ରେନର ଯାତାୟାତ ସମୟରେ ପରିବର୍ତ୍ତନ କରାଯାଇଥିବା ପ୍ରକାଶ ।

## କ୍ଷମତା ଯିବାକୁ ୨ ମାସ ପୂରିନି; ବିଜେଡ଼ି ଛାଡୁଛନ୍ତି ନେତା ଓ କର୍ମୀ



ଭୁବନେଶ୍ୱର,୨୯।୭(ପି.ଏନ): ଆଶଙ୍କା ଓ ଅନିଶ୍ଚିତତା ଭିତରେ ବିଜେଡି। କ'ଣ ହେବ ଦଳର ଭବିଷ୍ୟତ କେମିତି ଚାଲିବ ଦଳ ସନ୍ନ୍ୟାସ ପରେ କାହିଁକି ଭି.କେ ପାଣ୍ଡିଆନଙ୍କ ଇସାରାରେ ଚାଲିଛି ବିଜେଡି ନେତା ଓ କର୍ମୀଙ୍କ ମନରେ ଏମିତି ହଜାରେ ପ୍ରଶ୍ନ। ଆଉ ଏମିତି ସ୍ଥିତିରେ ଫାଳ ଫାଳ ହେବାରେ ଲାଗିଛି ବିଜେଡି ! ଯାହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର, କଟକ ଓ ଜଗତସିଂହପୁର ଜିଲ୍ଲାରେ। ରାଜ୍ୟରେ ବିଜେପି ସରାକର ଗଠନକୁ ୨ ମାସ ପୂରିନି। ହେଲେ ଯାଜପୁର ବିଜେଡିରେ ସୃଷ୍ଟି ହେଲାଣି କମ୍ପନ। ବିଜେଡି ଛାଡି ବିଧାୟକ ହିମାଂଶୁ ସାହୁଙ୍କ କ୍ୟାଂପରେ ଯୋଗ ଦେଇଛନ୍ତି ବିଜେଡି ସମର୍ଥିତ ୮ ସରପଞ୍ଚ ଓ ୧୩ ସମିତି ସଭ୍ୟ। ୨୪ ବର୍ଷ ହେଲା ଶାସକ ଦଳରେ ତଥା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସହ ଥିବା ଏହି ଗୋଷ୍ଠୀ ହଠାତ ବିଜେଡି ହାତ ଛାଡି ଦେଇଛନ୍ତି। କୁହାଯାଉଛି ଏହା ପଛରେ ରହିଛି ବିଜେଡି କନ୍ଦଳ।

## ଦୟନୀୟ ମେଡିକାଲ୍ କୋଠା; ସମୂହ ଛୁଟିରେ ଯିବା ପାଇଁ ଡାକ୍ତରଙ୍କ ଚିଠି



ଭୁବନେଶ୍ୱର,୨୯।୭(ପି.ଏନ): ୨୦ ବର୍ଷ ତଳେ ତିଆରି ହୋଇଥିବା ମେଡିକାଲ୍ କୋଠାର ଅବସ୍ଥା ଦୟନୀୟ। ମେଡିକାଲ୍ ୱାର୍ଡ, ଡାକ୍ତର ଓ କର୍ମଚାରୀଙ୍କ କ୍ୱାର୍ଟର୍ସ ଛାତ ଫାଟି ଆ' କରିଛି। ବର୍ଷା ହେଲେ ସେଥିରୁ ଅନବରତ ଗଳୁଛି ପାଣି। ନା ମେଡିକାଲ୍ ୱାର୍ଡରେ କେହି ରହିପାରୁଛନ୍ତି ନା କ୍ୱାର୍ଟର୍ସରେ। ସ୍ୱାସ୍ଥ୍ୟ ସେବାର ଏପରି ବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇରେ। ସ୍ଥିତି ଅସମ୍ଭାଳ ହେବାରୁ ଗତ ଶୁକ୍ରବାର ସମୂହ ଛୁଟିରେ ଯିବା ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀ। ୨୦୦୪ ମସିହାରେ ତେଲକୋଇ ସଦର ମହକୁମାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୋଠା ଲୋକାର୍ପିତ ହୋଇଥିଲା। ସେତେବେଳେ ମେଡିକାଲ୍‌ରେ ୧୬ ବେଡ୍ ଥିଲା। ଏଥିସହ ଡାକ୍ତର ଓ ଷ୍ଟାଫ୍ ?ଙ୍କ ପାଇଁ କ୍ୱାର୍ଟର୍ସ ତିଆରି କରିଥିଲେ ସରକାର। ଇତି ମଧ୍ୟରେ ୨୦ ବର୍ଷ ବିତି ଗଲାଣି। ଏହାରି ଭିତରେ ଅନେକ କିଛି ପରିବର୍ତ୍ତନ ହୋଇଛି। ତେଲକୋଇର କାୟାକଳ୍ପ ବୃଦ୍ଧି ପାଇଛି। ତା'ସହ ଜନ ସଂଖ୍ୟା ମଧ୍ୟ ବ?ିଛି। ହେଲେ ଲୋକଙ୍କ ସେବା ପ୍ରତି ଧ୍ୟାନ ଦେଇନାହାନ୍ତି ସେତେବେଳର ସରକାର। ତେଣୁ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି ମେଡିକାଲ୍। ଅତି ଦୟନୀୟ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି ରୋଗୀ। ଡାକ୍ତରଙ୍କ କଥା ନକହିବା ଭଲ।

## ରାଜଧାନୀରେ ଜୁଆ ଖେଳ; ୧୨ ଲକ୍ଷ ଟଙ୍କା ଜବତ, ୯ ଗିରଫ



ଭୁବନେଶ୍ୱର,୨୯।୭(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଏକ କଲ୍ୟାଣମଣ୍ଡପରେ ଚାଲିଥିଲା ଜୁଆ ଖେଳ। କମିଶନରେଟ୍ ପୁଲିସ୍ ଚଢ଼ଉ କରି ୯ ଜଣ ଜୁଆଡିଙ୍କୁ ଗିରଫ କରିଛି। ଏଥିସହ ନଗର ୧୨ ଲକ୍ଷ ଟଙ୍କା, ୩ଟି କାର୍ ଓ ମୋବାଇଲ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ଯାଜପୁର, ବାଲେଶ୍ୱର, କେନ୍ଦ୍ରାପଡା, କଟକ ଅଞ୍ଚଳର ବୋଲି ପୁଲିସ୍ କହିଛି।








## ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

## ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୂଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକେ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜୁଲାଇ ୩୦

# ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ "ବିଶ୍ୱଭୂଷଣ ହରିଚନ୍ଦନ"



ପ୍ରଦୀପ ସେନାପତି

ମୋର ରାଜନୈତିକ ଜୀବନରେ ଓଡ଼ିଶାର ଜନନାୟକ, ବର୍ଷିଆନ ରାଜନିତିଜ୍ଞ ଆମ ସମସ୍ତଙ୍କ ପ୍ରିୟ ଓ ଆପଣାର "ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ମୁଁ ଅତି ପାଖରୁ ଦେଖିଛି । ଶୌର୍ଯ୍ୟ, ସାହାସ ଓ ଦେଶ ପ୍ରେମର ଅପ୍ରତିମ ମହାନାୟକ । ବିଶ୍ୱଭୂଷଣବାବୁଙ୍କ ୯୦ତମ ଜୟନ୍ତୀ ଦିବସରେ ଯେତେବେଳେ ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମ ଓ ସେବା ସାଧନାର ଉତ୍ସର୍ଗୀକୃତ ଅଦମ୍ୟ ସାହାସର ସେହି ଅଟଳ ବୀରପୁରୁଷଙ୍କ କଥା ସ୍ମରଣ କରୁଛେ, ସେତେବେଳେ ଗୋଟିଏ ଅନନ୍ୟ ଉଦାହରଣ ଆମ ସ୍ମୃତି ପଟରେ ଭାସି



ଉଠୁଛି । ତାହା ହେଲା, ଭାରତୀୟ ରାଜନୈତିକ ଦୃଶ୍ୟ ପଟ୍ଟରେ ଭାରତର 'ଲୌହମାନବ'- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବୋଲି ସମସ୍ତେ ଜାଣନ୍ତି । ଆଉଜଣେ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ୍ଟରେ ଦ୍ୱିତୀୟ "ଲୌହମାନବ" ଭାବରେ ସମସ୍ତଙ୍କ ଠାରେ ଚର୍ଚ୍ଚିତ ଓ ପରିଚିତ ବ୍ୟକ୍ତି, ସେ ହେଉଛନ୍ତି - ବ ମାନର ମହାମହିମ ଛତିଶଗଡ଼ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ ।

ବିଶ୍ୱଭୂଷଣ ହରିଚନ୍ଦନ କେବଳ ମାତ୍ର ରାଜ୍ୟ ସ୍ତରୀୟ ଜଣେ ପ୍ରଖ୍ୟାତ ରାଜନେତା ଅଟନ୍ତି ବୋଲି କହିବା ସେହି ଅସାଧାରଣ ଉ ୁଙ୍ଗ ବ୍ୟକ୍ତିତ୍ୱଙ୍କର ଉପଯୁକ୍ତ ମୂଲ୍ୟାୟନ କଦାପି ନୁହେଁ, ସେ ଜଣେ ଏକାଧାରରେ ସାହାସୀ, ସ୍ୱାଧୀନତା ସଂଗ୍ରାମୀ, ନିଜ ଆଦର୍ଶ ଓ ମୂଲ୍ୟ ବୋଧର ଦ୍ୱିଧାହୀନ ଧାରକ, ଅବିଚଳ ଜାତୀୟତାବାଦୀ, ଦେଶପ୍ରେମୀ, ଓଡ଼ିଶାପ୍ରେମୀ, ଲୋକପ୍ରିୟ ଓ ସର୍ବୋପରି ନିଜ ପ୍ରିୟ ଓଡ଼ିଶାର ସୁଖ-ସମୃଦ୍ଧିର ସ୍ୱାଭିମାନି ଓଡ଼ିଆଙ୍କ ପାଇଁ ସ୍ୱପ୍ନ ସର୍ବଦା ତାଙ୍କ ଅନ୍ତରରେ ଭରି ରହିଛି । ୧୯୯୦ ରୁ ୧୯୯୫, ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜନତାଦଳ ସରକାରରେ ଖାଦ୍ୟ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀଭାବରେ ସପଥ ନିଅନ୍ତି । ମୁଁ ରାଜ୍ୟ ସଚ୍ଚିବାଳୟକୁ ପ୍ରାୟ ସବୁଦିନ ଲୋକଙ୍କ ସମସ୍ୟା ନେଇ ବିଭିନ୍ନ ମନ୍ତ୍ରୀଙ୍କ ପାଖକୁ ଯାଇଛି । ତେବେ ସମସ୍ତ ମନ୍ତ୍ରୀମାନଙ୍କଠାରୁ ସେ ଜଣେ ଅନନ୍ୟ ନିଆରା ମନ୍ତ୍ରୀ ବୋଲି ମୁଁ ଅନୁଭବ କଲି । ମୁଁ ଥରେ ପଚାରିଲି, ସାର୍ ଆପଣ କେତେଖୁସୀ ? ସେ କହିଥିଲେ ଯେ, ଓଡ଼ିଶାର ସେବା କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଓଡ଼ିଶା ମୋ ଚିନ୍ତା ଓ ଚେତନାକୁ ଉ ରିତ କରିଛି । ମୋତେ ବହୁତ କିଛି ଶିଖାଇଛି । ପୂର୍ବରୁ ମଧ ଅନେକ ଥର ମନ୍ତ୍ରୀ ହୋଇଛି, ଓଡ଼ିଶାବାସୀଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତୁମମାନଙ୍କର ସମ୍ମାନକୁ କେବେ ବି ଭୁଲିପାରିବି ନାହିଁ । ଆମ ଓଡ଼ିଶା ମାଟିର ବିଶେଷ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ରହିଛି । ଓଡ଼ିଶା ଭୂଗୋଳ ନୁହେଁ, ଏକ ମହାଭାବ, ଯାହାର ଭି ି ଓ ଆଧାର ହେଉଛି ବିଶ୍ୱଜନପ୍ରୀତି । ତେବେ, ଦୁଃଖର କଥା - ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା ଦରିଦ୍ର କାହିଁକି, ଗରିବ କାହିଁକି, ପଛୁଆ କାହିଁକି ? ଏ ପ୍ରଶ୍ନର ଉ ର ସମାଧାନ ବାଟରେ ହିଁ କରିବାକୁ ପଡ଼ିବ । ଆଗାମୀ ଦିନରେ ଓଡ଼ିଶା ସମଗ୍ର ପୃଥିବୀକୁ ମାର୍ଗଦର୍ଶକ କରାଇବ । ଏ ଆମ ମାଟି ଓ ଏହାର ପୁଣ୍ୟବନ୍ତ ମଣିଷଙ୍କୁ ମୋର କୋଟି ପ୍ରଣାମ ବୋଲି କହିଥିଲେ । ପ୍ରକୃତରେ, ମୋର ରାଜନୈତିକ ଜୀବନରେବିଶ୍ୱ ଭୂଷଣ ହରିଚନ୍ଦନଙ୍କଠାରୁ, ଅନେକ ଆଦର୍ଶଗତ ପ୍ରେରଣା ପାଇଅଛି । ତାଙ୍କ ସହିତ ସମ୍ପର୍କ ଓ ସମ୍ପୃକ୍ତିର ଅନୁଭବ ଓ ଉପଲବ୍ଧି ଆମକୁ ରାଜନୈତିକ ଜୀବନରେ ଆଗକୁ ବଢ଼ିବା ପାଇଁ ସାହସ, ଉତ୍ସାହିତ ଓ ଗୌରବାନ୍ୱିତ କରିପାରିଛି । ଗୋଟିଏ ଜାତିର ସ୍ୱାଭିମାନର ସ୍ୱପ୍ନ । ସେହି ସ୍ୱପ୍ନକୁ ଯଦି ଆମେ ବ ାଇ ରଖିପାରିବା ଏ ଜାତି ବହୁ ଆଗକୁ ଯାଇପାରିବ । ସେହିକଥା ମୁଁ ତାଙ୍କ ସହିତ ଯୁଆଡ଼େ ଯାଏ ସେ ମୋତେ ଏହି ଆଦର୍ଶ ଦିଅନ୍ତି । ବଡ଼ ବଡ଼ ମନୀଷୀମାନେ ସେହି କଥାକୁ ଆମକୁ ବାରମ୍ବାର ସ୍ମରଣ କରାଇ ଦେଇଛନ୍ତି । କିନ୍ତୁ ତାହା ହୋଇପାରୁ ନାହିଁ, ଏଇଥିପାଇଁ ଗୋଟାଏ ଜାତିର ଚିନ୍ତାଧାରା ଯେତେବେଳେ ତଳ ଆଡ଼କୁ ଗତି କରୁଛି ତାକୁ ଅଟକାଇ ପୁରୁଣା ରାସ୍ତାକୁ ଫେରାଇ ଆଣିବା ବଡ଼ କଷ୍ଟକର କଥା । ମନଟା ଛୋଟ ହୋଇଗଲେ ଜାତିଟା ଛୋଟ ହୋଇଯାଏ । ସେଥିପ୍ରତି ଆମ ସମସ୍ତଙ୍କୁ ଦୃଷ୍ଟିଦେବାକୁ ହେବ । ଏ ଜାତିର ମନରେ ସାହସ ଫେରି ଆସୁ, ଜଗନ୍ନାଥଙ୍କ ପାଖରେ ସେଥିପାଇଁ ଚିରକାଳ ପ୍ରାର୍ଥନା କରିଆସିଛି । ଏବେବି ମଧ ସେ କଥା କହୁଛି," ଏହା ହିଁ ଆମମାନଙ୍କୁ ଅନୁପ୍ରାଣୀତ କରିଛି । ବିଶିଷ୍ଟ ଜନପ୍ରିୟ, ଜନନାୟକ ମହାମହିମ ଛତିଶଗଡ଼ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ମୁଖରୁ ନିସୃତ ଅନ୍ତରର ଆବେଗ ଭରା ଅଭିବ୍ୟକ୍ତି ।

ମୁଁ ତାଙ୍କର ରାଜନୈତିକ କାର୍ଯ୍ୟକଳାପକୁ ହୃଦୟଙ୍ଗମ କରି ଅନୁସରଣ କରେ, ଅନୁକରଣ ମଧ କରେ । କ୍ଷମତା ପାଇଁ ସେ କେବେ କାହାକୁ ମିଛ ପ୍ରତିଶ୍ରୁତି ଦେଇନାହାନ୍ତି । କିଏ ତାଙ୍କୁ ଭୋଟ ଦେଉ କି ନଦେଉ, ସେ କ୍ଷମତାରେ ରୁହନ୍ତୁ ବା ନରୁହନ୍ତୁ, ସେଥିପାଇଁ ତାଙ୍କର ଖାତିର ନାହିଁ । ଶସ୍ତା କଥା କହି କିମ୍ବା ଶସ୍ତା ଯୋଜନା କରି ସେ କାହା ମନ କିଣିବାକୁ କେବେ ବି ଉଦ୍ୟମ କରିନାହାନ୍ତି । ବୋଧହୁଏ ସେଥିପାଇଁ ତାଙ୍କ ଭଳି ସ୍ୱାଭିମାନ ବ୍ୟକ୍ତି ବେଶୀଦିନ କ୍ଷମତାରେ ରହିପାରିଛନ୍ତି । ବିଶ୍ୱଭୂଷଣ ହରିଚନ୍ଦନଙ୍କ କୀ ୍ତି ଓ କଳ୍ପନା ତାଙ୍କର ରାଜନୈତିକ ଜୀବନରେ ତାଙ୍କୁ କିମ୍ବଦନ୍ତୀରେ ରୂପାନ୍ତରିତ କରିପାରିଛି । ଯେଉଁମାନେ ତାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଛନ୍ତି,ସେମାନଙ୍କ ପାଇଁ ସେ ସର୍ବଦା ଏକ ଅବିସ୍ମରଣୀୟ ସ୍ମୃତି ହୋଇ ରହିବେ ଏବଂ ଯେଉଁମାନେ କେବଳ ତାଙ୍କ କଥା ଶୁଣିଛନ୍ତି, ସେମାନଙ୍କ ପାଇଁ ମଧ ସେ ଅପ୍ରତିମ ମହାନାୟକ ହୋଇ ରହିବେ । ତାଙ୍କର ରାଜନୈତିକ ବିରୋଧୀମାନେ ମଧ ତାଙ୍କ ମହନୀୟତାକୁ ପ୍ରଶଂସା କରି ତାଙ୍କୁ ସ୍ୱାଭିମାନର ପ୍ରତୀକ, ଲୌହମାନବ ବୋଲି କୁହନ୍ତି । ସେହି ଅତୁଳନୀୟ ପ୍ରଜ୍ଞାପୁରୁଷ, ପାଇକପୁଅ ବୀରତ୍ୱର ଅନମନୀୟ ମହାନାୟକ, ମହାମହିମଙ୍କ ସହ ଅତି ଘନିଷ୍ଠ ଭାବରେ ମିଶିବାର ସୌଭାଗ୍ୟ ମୋତେ ମିଳିଥିବାରୁ ମୋ ଜୀବନ କୃତାର୍ଥ ହୋଇଛି । ତାଙ୍କ ସ୍ନେହ, ସଦିଚ୍ଛା ଓ ପ୍ରେରଣା ସଂପର୍କରେ ନିକଟରେ ପ୍ରକାଶିତ ହେବାକୁ ଥିବା ମୋର ଏକ ପୁସ୍ତକରେ ଆନ୍ତରିକ ପ୍ରୟାସ କରିଛି । ଆଜି ତାଙ୍କର ପବିତ୍ର ଜନ୍ମଦିବସରେ ତାଙ୍କୁ ମୋର ହୃଦୟସ୍ପର୍ଶୀ ପ୍ରଣାମ ।

*ଅଧକ୍ଷ, ରାଜ୍ୟସ୍ତରୀୟ*
*ବିଶ୍ୱଭୂଷଣ ହରିଚନ୍ଦନ ଜୟନ୍ତୀ କମିଟି,*
*ଓଡ଼ିଶା*
*ତଥା ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ*
*ସୁରକ୍ଷା ସଙ୍ଗଠନ ସ୍ତମ୍ଭକାର,*
*ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର - ୨*
*ଜିଲ୍ଲା - ଖୋର୍ଦ୍ଧା*
*ମୋ- ୭୮୪୮୮୯୮୪୫୬*

# ଜନଗଣନା ବିଳମ୍ବ ନହେଉ

ଅଷ୍ଟାଦଶ ଲୋକସଭା ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତୃତୀୟ ପାଳିରେ ପ୍ରଥମ ସାଧାରଣ ବଜେଟ ଉପସ୍ଥାପିତ କରିଛନ୍ତି । ୪୮ ଲକ୍ଷ କୋଟିରୁ ଅଧିକ ଟଙ୍କାର ବଜେଟରେ ବିଭିନ୍ନ କ୍ଷେତ୍ର ପାଇଁ ବ୍ୟୟ ବରାଦ କରିଥିବାବେଳେ ଦେଶରେ ବହୁଚର୍ଚ୍ଚିତ ଜନଗଣନା ପାଇଁ ସରକାର ଆଦୌ ତରବରିଆ ନଥିବା ନଥିବା ବଜେଟ ଅନୁଦାନ ସ୍ପଷ୍ଟ ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରିବ । କହିବା ବାହୁଲ୍ୟ ଯେ, ଦେଶରେ ୧୬ତମ ଜନଗଣନା ୨୦୨୧ ମସିହାରେ ହେବାର ଥିଲା । ମାତ୍ର ମହାମାରୀ କୋରୋନା ଯୋଗୁଁ ଜନଗଣନାକୁ ସ୍ଥଗିତ ରକାଯାଇଥିଲା । ଏବେ ଦେଶରେ ସବୁ କିଛି ସ୍ୱାଭାବିକ ଅବସ୍ଥାକୁ ଫେରିଥିବାବେଳେ, ଗଣନା ଅନିଶ୍ଚିତ ଅବସ୍ଥାରେ ରହିଛି । ଉଲ୍ଲେ କରାଯାଇପାରେ ଯେ, ୨୦୨୪ ମସିହାରେ ଦେଶରେ ଜନଗଣନା ହେବା ନେଇ ଆଶା କରାଯାଉଥିଲା । ମାତ୍ର ବଜେଟରେ କୌଣସି ବ୍ୟୟବରାଦ କରାଯାଇନଥିବାରୁ ଜନଗଣନା ପୁଣି ଅନିଶ୍ଚିତା ମଧ୍ୟକୁ ଠେଲି ହୋଇଯାଇଥିବା ମନେହୁଏ । ସ୍ମରଣ ଯୋଗ୍ୟ ଯେ, ୨୦୨୧ ମସିହାରେ ଦେଶରେ ୧୬ତମ ଜନଗଣନା ପାଇଁ କେନ୍ଦ୍ର କ୍ୟାବିନେଟ ୧୨ହଜାର କୋଟି ୨୦୧୯ ମସିହାରେ ମଂଜୁର କରିଥିଲେ । ବିଭିନ୍ନ ପଦ୍ଧତିରେ ତଥା କାଗଜ କଲମରେ, ଆପ କିମ୍ବା ମୋବାଇଲ ମାଧ୍ୟମରେ ଜନଗଣନା ପାଇଁ ପ୍ରସ୍ତାବ ରହିଥିଲା । ପ୍ରାୟ ଅର୍ଦ୍ଧେକ ଜନସଂଖ୍ୟା ଅନଲାଇନରେ ନିଜର ତଥ୍ୟ ପୂରଣ କରିବା ନେଇ ସରକାର ମଧ୍ୟ ଆଶା ରଖିଥିଲେ । ଦେଶରେ ପ୍ରତି ୧୦ବର୍ଷରେ ଜନଗଣନା ହୋଇ ଆସୁଥିବାବେଳେ ମହାମାରୀ କରୋନା ଏଥିରେ ପୂର୍ଣ୍ଣଚ୍ଛେଦ ଟାଣିଦେଇଥିଲା । ଏହା ନିସନ୍ଦେହ ଯେ, ଜନଗଣନା ହେଉଛି ଦେଶର ସର୍ବବୃହତ ତଥ୍ୟଭିତିକ ଆଧାରିତ ଗଣନା । ଏଥିରୁ ଦେଶର ଜନସାଧାରଣଙ୍କ ସ୍ଥିତି ତଥା ପରିବାରର ଆର୍ଥୀକ ସ୍ଥିତି, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି, ପରିବାରର ସଦସ୍ୟ ସଂସ୍ଥା, ମହିଳାପୁରୁଷଙ୍କ ସଂଖ୍ୟା ବୟସ ସର୍ବୋପରି ସରକାରଙ୍କର ବିଭିନ୍ନ ଜନହିତକର ଯୋଜନାରୁ ଉପକୃତ ହେଉଛନ୍ତି ନା ନାହିଁ, ଦାରିଦ୍ର୍ୟ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ସଂଖ୍ୟା ଜଣାପଡିଥାଏ । ସେହିପରି ଦେଶରେ ବିଭିନ୍ନ ବର୍ଗ, ଜାତି, ଧର୍ମ ଓ ସମ୍ପ୍ରଦାୟର ଲୋକସଂଖ୍ୟା ସମ୍ପର୍କରେ ସ୍ପଷ୍ଟ ସୂଚନା ପ୍ରଦାନ କରିଥାଏ । ଯାହାକି ସେମାନଙ୍କ ପାଇଁ ସଂରକ୍ଷଣ ଠାରୁ ଆରମ୍ଭ କରି ବିଭିନ୍ନ ଜନିହିତକର ଯୋଜନା ପ୍ରଣୟନ କରିବାରେ ସହାୟକ ହୋଇଥାଏ ।



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ଏବେ ଦେଶରେ ୬୬ପ୍ରତିଶତ ପରିବାର ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେଉଛନ୍ତି । ସେହିପରି ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ୨୦୧୧ ଜନଗଣନା ରିପୋର୍ଟକୁ ଭିତିକରି ସରକାର ୨୦୧୩ ମସିହାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ପ୍ରଣୟନ କରିଥିବାବେଳେ ଇତିମଧ୍ୟରେ ଦେଶର ଜନସଂଖ୍ୟା ଚୀନକୁ ଟପି ୧୪୪କୋଟିରେ ପହଁଚିଲାଣି । ଭାରତ ଏବେ ବିଶ୍ୱରେ ସର୍ବବୃହତ ଜନବହୁଳ ରାଷ୍ଟ୍ର ଭାବେ ପରିଚିତ । ଆହୁରି ମଧ୍ୟରେ ଦେଶରେ ଲୋକସଭା ଓ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ଏବଂ ଦେଶରେ ଏକକ ନିର୍ବାଚନ ତଥା ଏକ ରାଷ୍ଟ୍ର ଏକ ନିର୍ବାଚନ ପାଇଁ ବିଲ୍ ପାର୍ଲିଆମେଂଟରେ ଅନୁମୋଦିତ ହେବାର ୬ମାସ ଅତିବାହିତ ହୋଇଗଲାଣି । ଆସନ୍ତା ୨୦୨୯ ସାଧାରଣ ନିର୍ବାଚନ ଏହି ଦୁଇଟି ଆଇନ କାର୍ଯ୍ୟକାରୀ ହେବ । ତେବେ ଏଥିଲାଗି ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ଜରୁରୀ ହୋଇପଡିଛି । କିନ୍ତୁ ଜନଗଣନା ପରେ ଦେଶରେ ଲୋକସଭା ଓ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ବିଧାନସଭା ନିର୍ବାଚନ ମଣ୍ଡଳୀର ସୀମା ପୁନ ନିର୍ଦ୍ଧାରଣ ସମ୍ଭବ ହୋଇପାରିବ । ଯାହା ଜଣାଯାଏ, ଦେଶରେ ୨୦୨୬ ପରେ ନିର୍ବାଚନ ମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ଆରମ୍ଭ ହେବ । କିନ୍ତୁ ୨୦୨୬ ପୂର୍ବରୁ ଦେଶରେ ଜନଗଣନାର ଆବଶ୍ୟକତା ରହିଛି । ଅନ୍ୟପକ୍ଷରେ ଦେଶରେ ଜାତିଭିତିକ ଜନଗଣନା ପାଇଁ ମୁଖ୍ୟ ବିରୋଧି ଦଳ କଂଗ୍ରେସ ସମେତ ଇଣ୍ଡିଆ । ମେଂଟ ଦାବି କରିଥିବାବେଳେ ନିଜ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି । ଗତ ୨୦୨୩ ମସିହା ଅକ୍ଟୋବରରେ ବିହାରରେ ନୀତିଶ କୁମାରଙ୍କ ସରକାର ରାଜ୍ୟରେ ଜାତିଭିତିକ ଜନଗଣନା ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ କରିଥିଲା । ଯାହାକି ଗତ ସାଧାରଣ ନିର୍ବାଚନରେ ନୀତିଶଙ୍କ ଜେଡିୟୁକୁ ଆଶାତୀତ ସଫଳତା ପ୍ରଦାନ କରିବାରେ ମୁଖ୍ୟ ଭୂମିକାର ନେଇଥିବା କୁହାଯାଏ । ପ୍ରଥମରୁ ବିଜେପି ଜାତିଭିତିକ ଜନଗଣନାକୁ ବିରୋଧ କରି ଥିବାବେଳେ ଏବେ କୋହଳ ମନୋଭାବ ପୋଷଣ କରିଛି । ଚଳିତ ବର୍ଷ ଶେଷ ଆଡକୁ ମହାରାଷ୍ଟ୍ର, ଝାଡଖଣ୍ଡ ଓ ହରିଆନାରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏହି ରାଜ୍ୟଗୁଡିକରେ ଜାତିଭିତିକ ଜନଗଣନା ମୁଖ୍ୟ ରାଜନୈତିକ ପ୍ରସଙ୍ଗ ଭାବେ ଉଭା ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ଏହା ନିସନ୍ଦେହ ଯେ, ଦେଶରେ ଜନଗଣନା ଏବଂ ଜାତିଭିତିକ ଜନଗଣନାରେ ଆବଶ୍ୟକତା ରହିଛି । ଏଥିରେ ବିଳମ୍ବ କରାଯିବା ଉଚିତ ନୁହେଁ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*

# ପିଲା ଓ ଯୁବବର୍ଗ ବି ରକ୍ତଚାପର ଶିକାର

ବର୍ତ୍ତମାନର ସମୟକୁ ଦେଖିଲେ ଅଧିକାଂଶ ଯୁବ ବର୍ଗ ଏପରିକି ପିଲାମାନେ ମଧ ରକ୍ତ ଚାପର ସହଜ ଶିକାର ହେଉଛନ୍ତି । ଆପଣଙ୍କ ଭିତରେ ଅଧିକାଂଶ ଏହି ପିଲାଙ୍କ ରକ୍ତଚାପ କଥାଶୁଣି ଆଶ୍ଚର୍ଯ୍ୟ ହୋଇପାରନ୍ତି କିନ୍ତୁ ବାସ୍ତବରେ ଏହା ସତ୍ୟ । ଆମ ଦେଶରେ ପ୍ରତି ଚାରି ଜଣଙ୍କ ମଧ୍ୟରୁ ଜଣେ କିମ୍ବା ଅଧିକ ଉଚ୍ଚ ରକ୍ତଚାପରେ ପୀଡ଼ିତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ, ଭାରତରେ ଯଦି ୫୦ ପ୍ରତିଶତ ଉଚ୍ଚରକ୍ତ ଚାପ ପୀଡ଼ିତ ନିଜ ରୋଗକୁ ନିୟନ୍ତ୍ରଣରେ ରଖିପାରିବେ ତେବେ ୨୦୪୦ ମସିହା ସୁଦ୍ଧା ଅତି କମରେ ୪.୬ ନିୟୁତ ଲୋକଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ ହେବ । ଏଥି ସହିତ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଦ୍ୱାରା କରାଯାଇଥିବା ଅନୁଧାନରୁ ଜଣାପଡ଼ିଛି, ଦେଶର ୨୧.୩ ପ୍ରତିଶତ ମହିଳା ଓ ୨୪ ପ୍ରତିଶତ ପୁରୁଷ ଉଚ୍ଚରକ୍ତଚାପ ରୋଗରେ ପୀଡ଼ିତ । ବିଳମ୍ବରେ ରୋଗ ନିରୂପଣ ଏବଂ ରକ୍ତଚାପକୁ ନିୟନ୍ତ୍ରଣରେ ନ ରଖିପାରିବା ହେତୁ ବହୁ ସଂଖ୍ୟକ ଆକ୍ରାନ୍ତ ହୃଦରୋଗ ଓ ମଧୁମେହର ଶିକାର ହୋଇ ପ୍ରାଣ ହରାଉଛନ୍ତି ।

ସାଧାରଣତଃ କହିବାନୁସାରେ ରକ୍ତଚାପ ଦୁଇ ପ୍ରକାରର ସିଷ୍ଟୋଲିକ ବ୍ଲଡ଼ପ୍ରେସର ଓ ଡାଇଷ୍ଟୋଲିକ ବ୍ଲଡ଼ ପ୍ରେସର । ଯେତେବେଳେ ହୃତପିଣ୍ଡରେ ରକ୍ତର ଚାପ ସ୍ୱାଭାବିକ ଠାରୁ ଅଧିକ ହୋଇ ଧମନୀକୁ ଅଧିକ ବେଗରେ ପ୍ରବାହିତ ହୁଏ ତାହାକୁ ସିଷ୍ଟୋଲିକ ବ୍ଲଡ଼ପ୍ରେସର ଭାବେ ଅଭିହିତ କରାଯାଏ । ସେହିପରି ପ୍ରତି ସଂକୋଚନ ପରେ ହୃତପିଣ୍ଡ ସାମାନ୍ୟ ଶିଥିଳ ହୋଇଥାଏ । ଏହି ଅବସ୍ଥାରେ ଧମନୀରେ ରକ୍ତଚାପ ନ୍ୟୁନତମ ସୀମାରେ ପହଞ୍ଚିଥାଏ । ଏହାକୁ ଡାଇଷ୍ଟୋଲିକ ବ୍ଲଡ଼ପ୍ରେସର କୁହାଯାଇଥାଏ । ସିଷ୍ଟୋଲିକ ରକ୍ତଚାପ ୧୩୦ ମିଲିମିଟର ମରକ୍ୟୁରି ଓ ଡାଇଷ୍ଟୋଲିକ ରକ୍ତଚାପ ୮୫ ମିଲିମିଟର ମରକ୍ୟୁରିରୁ କମ ହେଲେ ଏହାକୁ ସାମାନ୍ୟ ବୋଲି ବିଚାର କରାଯାଏ ।

ପ୍ରାଥମିକ ଅବସ୍ଥାରେ ଚିହ୍ନଟ ହୋଇଗଲେ ନିୟନ୍ତ୍ରଣ ସମ୍ଭବ ହୋଇଥାଏ । ସାଧାରଣତଃ ଉଚ୍ଚ ରକ୍ତଚାପ ଦୁଇ ପ୍ରକାରର । ପ୍ରଥମଟି ହେଲା ପ୍ରାଇମେରି ହାଇପର ଟେନସନ, ଯାହାର କାରଣ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ଦ୍ୱିତୀୟ ପ୍ରକାରର ଉଚ୍ଚ ରକ୍ତଚାପକୁ ସେକେଣ୍ଡାରି ହାଇପରଟେନସନ କୁହାଯାଏ । ହର୍ମୋନଜନିତ ସମସ୍ୟା, ଗର୍ଭାବସ୍ଥା, ଅଧିକ ଓଜନ କିମ୍ବା ମେଦବହୁଳତା, କିଡ଼ନୀ ସମସ୍ୟା, ବଂଶାନୁକ୍ରମିକତା, ଥାଇରଏଡ଼ ବିଶୃଙ୍ଖଳା, ନିଦ୍ରାହୀନତା, ମଧୁପାନ, ମଦ୍ୟପାନ କିମ୍ବା ଜୀବନଶୈଳୀଗତ ସମସ୍ୟା ଉଚ୍ଚ ରକ୍ତଚାପର କାରଣ ହୋଇଥାଏ । ପୂର୍ବରୁ ବୟସ୍କଙ୍କ ଠାରେ ଅଧିକ ଉଚ୍ଚରକ୍ତଚାପ ଦେଖାଯାଉଥିଲା । କିନ୍ତୁ ଏବେ ଯୁବପିଢିଙ୍କ ଠାରେ ଏହି ରୋଗ ଅଧିକ ଦେଖିବାକୁ ମିଳୁଛି । ସେଥିପାଇଁ ବୟସ ବଢ଼ିଲେ ରକ୍ତଚାପ ଜନିତ ସମସ୍ୟା ହୁଏ ବୋଲି ଆମେ ଭାବିବା ଅନୁଚିତ । ଯେକୌଣସି ବୟସରେ ଆପଣ ଉଚ୍ଚ ରକ୍ତଚାପର କବଳରେ ପଡ଼ିଯାଇପାରନ୍ତି । ଏଥିରୁ ମୁକୁଳିବାକୁ ହେଲେ ପ୍ରଥମରୁ ରୋଗକୁ ଚିହ୍ନିବା ଦରକାର । ପ୍ରଥମରୁ ରୋଗଟିକୁ ନ ଚିହ୍ନି ପାରିଲେ ଏହା ଧୀରେ ଧୀରେ ସମଗ୍ର ଶରୀରକୁ ଆକ୍ରମଣ କରିଥାଏ, ଯାହାଦ୍ୱାରା ବ୍ରେନ ଷ୍ଟ୍ରୋକ, ଯକୃତ ସଂକ୍ରମଣ, ନାକରୁ ରକ୍ତ ପଡ଼ିବା, ମୁଣ୍ଡ ବିନ୍ଧିବା ଓ ମୁଣ୍ଡ ବୁଲାଇବା ଯୋଗୁଁ ପଡ଼ିଯିବା, ଛାତିରେ ଯନ୍ତ୍ରଣା ପରି ସମସ୍ୟା ଉତ୍ପନ୍ନ ହୋଇଥାଏ । ସେଥିପାଇଁ ଆମକୁ ପ୍ରଥମରୁ ଅବହେଳା ନକରି ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଧ୍ୟାନ ଦେବା ଜରୁରୀ । ଶରୀରକୁ ଉପଯୁକ୍ତ ପରିମାଣର କାର୍ବୋହାଇଡ୍ରେଟ, ପ୍ରୋଟିନ ଓ ନ୍ୟୁଟ୍ରିସନ ଦରକାର । କେତେକ ଶରୀରକୁ ପ୍ରୋଟିନର ପରିମାଣ ବଢ଼ାଇବା ପାଇଁ ମନ ଇଚ୍ଛା ମୋବାଇଲ ଫୋନ ଦେଖି କିମ୍ବା ଅନ୍ୟ ମାନଙ୍କ କଥା ଶୁଣି ବଜାରରେ ବିକ୍ରି ହେଉଥିବା ପ୍ରୋଟିନ ପାଉଡର ବା ଟାବଲେଟ ବ୍ୟବହାର କରିଥାନ୍ତି କିନ୍ତୁ ଏହା ପ୍ରାୟତଃ ଚିକିତ୍ସା ବିଜ୍ଞାନର ଅନୁମୋଦିତ ହୋଇନଥିବାରୁ କେତେକ କ୍ଷେତ୍ରରେ ବିପଦଜ୍ଜନକ ସାବ୍ୟସ୍ତ ହୋଇଥାଏ । ଜଣଙ୍କ ଶରୀର ପାଇଁ କେତେ କ୍ୟାଲୋରୀ ? କେତେ ନ୍ୟୁଟ୍ରିସିୟନ ବା କେତେ ପ୍ରୋଟିନ ଆବଶ୍ୟକ ହୋଇଥାଏ ତାହା ଚିକିତ୍ସକଙ୍କ ହିଁ ଭଲ ଭାବେ ଜାଣିଥାନ୍ତି । ସେହିପରି ସାଧାରଣ ପେନକିଲର ମଧ ବିନା ଡାକ୍ତରୀ ପରାମର୍ଶରେ ବ୍ୟବହାର କରନ୍ତୁନାହିଁ । ସେଥିପାଇଁ ନିଜର ଜୀବନଶୈଳୀକୁ ଲକ୍ଷ୍ୟ କରି ଉପଯୁକ୍ତ ମାତ୍ରାର ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ ଓ ଉଚିତ ସମୟରେ ରୋଗର ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇବା ଆବଶ୍ୟକ ।

ସାଧାରଣତଃ ରକ୍ତଚାପ ବୟସର ଅପରାହ୍ନରେ ଦେଖାଯାଉଥିଲା । କିନ୍ତୁ ଆଜିକାଲି ଛୋଟଛୋଟ ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ଯୁବପିଢ଼ିଙ୍କ ମଧ୍ୟରେ ଏହା ଅଧିକ ଦେଖାଯାଉଛି । ଓଡ଼ିଶାରେ ୨୫ରୁ ୩୦ ପ୍ରତିଶତ ପିଲାଙ୍କ ଶରୀରରେ ଉଚ୍ଚ ରକ୍ତଚାପ ଦେଖାଯାଉଛି । ଏହାର ମୂଳ କାରଣ ହେଲା ଅବ୍ୟବସ୍ଥିତ ଜୀବନଶୈଳୀ ଓ ଖାଦ୍ୟପେୟ । ଏବେ ଅଧିକାଂଶ ପିଲା ସୋସିଆଲ ମିଡ଼ିଆ, ଟିଭି, ମୋବାଇଲରେ ଅଧିକ ସମୟ ଅତିବାହିତ କରୁଛନ୍ତି । ଏହା ସହିତ ସେମାନେ ଫାଷ୍ଟଫୁଡ, ଛଣାଛଣି, ପିଜା ଓ ବର୍ଗର ଆଦି ଖାଦ୍ୟକୁ ଅଧିକ ପସନ୍ଦ କରୁଛନ୍ତି, ଯେଉଁଥିରେ



ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ଅଧିକ କ୍ୟାଲୋରିରୁ ୭୦ ପ୍ରତିଶତ କ୍ଷୟ କରିବାକୁ ପଡ଼ିବ । ଏଥିପାଇଁ ନିୟମିତ ବ୍ୟାୟାମ କରିବା ଦରକାର । ଆଜିକାଲି ଅଧିକାଂଶ ଲୋକ ଗୋଟିଏ ଜାଗାରେ ବସି କାମ କରିବାକୁ ପସନ୍ଦ କରୁଛନ୍ତି, ଯାହାଦ୍ୱାରା ଶରୀରର ବ୍ୟାୟାମ ହୋଇପାରୁନାହିଁ । ଏହାଦ୍ୱାରା ଆମର ମେଦ ବଢ଼ିବା ସହିତ ମାନସିକ ଚାପ ବଢ଼ିଥାଏ । ସେଥିପାଇଁ ଏକ ସୁସ୍ଥ ବାତାବରଣ ମଧ୍ୟରେ ଶିକ୍ଷା, ଖାଦ୍ୟାପେୟ ଓ ଚାଲିଚଳନ ମଧ୍ୟରେ ସମନ୍ୱୟ ଆଣିପାରିଲେ ଆମେ ଉଚ୍ଚରକ୍ତଚାପରୁ ରକ୍ଷା ପାଇପାରିବା । ସାଧାରଣତଃ ରକ୍ତଚାପ ଏକ ଜଟିଳ ପରିସ୍ଥିତି ବା ଅବସ୍ଥା ନୁହେଁ । ଏହା ଜଣେ ଚାହିଁଲେ ନିୟନ୍ତ୍ରଣରେ ରଖିପାରିବ । ସର୍ବପ୍ରଥମ କଥା ହେଉଛି ଆପଣ ନିଜର ବ୍ୟକ୍ତିଗତ ରୁଟିନ ଓ କାର୍ଯ୍ୟ ନିର୍ଘଣ୍ଟ ଦେଖି ନିଜର ଖାଇବା ପିଇବା ଓ ବିଶ୍ରାମର ସମୟଟି କାଢ଼ନ୍ତୁ । ସୁଷମ ଖାଦ୍ୟ, ଘରୋଇ ଖାଦ୍ୟ ସବୁଠାରୁ ଭଲ । ଦୀର୍ଘ ସମୟ ଧରି ଉପବାସରେ ରହିବା ଭଲ ନୁହେଁ । ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଠାରୁ ଦୂରେଇ ରହିବା ଉତ୍ତମ ଅଭ୍ୟାସ । ଶୀଘ୍ର ଶୋଇବା, ଶୀଘ୍ର ଉଠିବା ଏକ ଚମତ୍କାର ସ୍ୱାସ୍ଥ୍ୟ ପ୍ରଣାଳୀ । ସକାଳୁ ଉଠି ଯୋଗ ପ୍ରାଣାୟମ କରୁଥିଲେ ଖୁବ ଭଲ । କିଛି ନହେଲେ ପ୍ରାତଃ ଭ୍ରମଣ ଅଭ୍ୟାସଟି ରଖନ୍ତୁ । ବାହାର ଖାଦ୍ୟ, ଫାଷ୍ଟଫୁଡ, ଆମିଷ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ବାସି ଖାଦ୍ୟକୁ ପରଦିନ ଗରମକରି ଖାଇବା ଅଭ୍ୟାସ ଠାରୁ ନିବୃତ୍ତ ରହିବା ଭଲ । ଖାଦ୍ୟ ତାଲିକାରେ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ଶାଗ ଓ ଫଳ ଖାଆନ୍ତୁ । ସବୁବେଳେ ନିଜକୁ ଏକ ସକରାତ୍ମକ ଭାବନାରେ ରଖନ୍ତୁ । ମନ ଭିତରେ ଅବସାଦ, ନୈରାଶ୍ୟବୋଧ, ହତାଶ ଓ ଅଳସୁଆମିକୁ ଗୁରୁତ୍ୱ ଦିଅନ୍ତୁ । ପ୍ରତିଦିନ କିଛି ବାଟ ଚାଲିବା, ସାଇକେଲ ଚାଳନା କରିବା ବା ସନ୍ତରଣ ଏକ ଭଲ ଅଭ୍ୟାସ । ତେବେ ଆପଣଙ୍କର କୌଣସି ପୂର୍ବର ରୋଗ ଥିଲେ ନିଜ ଡାକ୍ତରଙ୍କ ପରାମର୍ଶ ନେଇ ଏସବୁ ଅଭ୍ୟାସ କରିପାରିବେ । କୌଣସି ସମୟରେ ଛାତି ଯନ୍ତ୍ରଣା ବା ଦେହର ଅସ୍ୱସ୍ତି ବୋଧ ଅନୁଭବ କଲେ ଏହାକୁ ମାମୁଲି ଭାବନ୍ତୁ ନାହିଁ । ସବୁବେଳେ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ । ହୃଦ୍‌ରୋଗର ଚିକିତ୍ସା, ନିରାକରଣ ଓ ସଚେତନତା ପାଇଁ ସରକାରୀ ଭାବେ ଅନେକ ସେବା ପ୍ରଦାନ କରାଯାଉଛି । କୌଣସି ପରିସ୍ଥିତିରେ କାହାଙ୍କର କଥା ଶୁଣି ଘରୋଇ ବା ଦେଶୀୟ ଚିକିତ୍ସା କିମ୍ବା ଗୁଣିଗାରେଡି ବ୍ୟବସ୍ଥାକୁ ନ ଆପଣାଇବା ଭଲ । ହୃଦ୍‌ରୋଗ ସହ ଉଚ୍ଚରକ୍ତଚାପର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ତେଣୁ ଉଚ୍ଚ ରକ୍ତଚାପ ଠାରୁ କିପରି ଦୂରେଇ ରହିପାରିବେ ଡାକ୍ତରୀ ପରାମର୍ଶରେ ନିଜ ଜୀବନଟିକୁ ନିରାମୟ କରିବା ପାଇଁ ପ୍ରଚେଷ୍ଟା କରନ୍ତୁ ।

ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ପ୍ରଜନନକ୍ଷମ ବୟସ ସୀମା କମୁଛି

ଆଜିର ସମୟରେ ମହିଳାମାନଙ୍କର ସନ୍ତାନ ପ୍ରସବ ହାର ବା ଇଂରାଜୀରେ ଯାହାକୁ ଟୋଟାଲ 'ର୍ଟିଲିଟି ରେଟ ବା ଟିଏ'ଆରର ଭବିଷ୍ୟତକୁ ନେଇ ବିଶ୍ୱସ୍ତରୀୟ ଚିକିତ୍ସା ବିଜ୍ଞାନ ପତ୍ରିକା ଦି ଲାନସେଟର ତଥ୍ୟ ଅନୁଯାୟୀ ୨୦୫୦ ସୁଦ୍ଧା ଭାରତର ଟୋଟାଲ 'ର୍ଟିଲିଟି ରେଟ ୧.୨୯କୁ ଏବଂ ୨୧୦୦ ସୁଦ୍ଧା ତାହା ଆହୁରି ତଳକୁ ଖସି ୧.୦ରେ ହେବାକୁ ଯାଉଛି ବୋଲି ଆନୁମାନିକ ତଥ୍ୟ ରହିଛି । ଦି ଲାନସେଟରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ହେଉଛି ୟୁନିଭର୍ସିଟି ଅ' ୱାସିଙ୍ଗଟନ ସ୍କୁଲ ଅ' ମେଡ଼ିସିନର ଇନଷ୍ଟିଚ୍ୟୁଟ ଅ' ହେଲଥ ମେଟ୍ରିକସ ଆଣ୍ଡ ଇଭାଲୁଏସନ ନାମକ ଜନସ୍ୱାସ୍ଥ୍ୟ ଗବେଷଣା ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଶୀଳନ ଉପରେ ଆଧାରିତ । ଏହି ଅନୁଶୀଳନରେ କରାଯାଇଥିବା ଆକଳନ ଅନୁସାରେ ୨୦୨୧ରେ ଭାରତରେ ଜନ୍ମଲାଭ କରିଥିବା ମୋଟ ଜୀବନ୍ତ ଶିଶୁ (ଲାଇଭ ବାର୍ଥ)ଙ୍କ ସଂଖ୍ୟା ୨୨.୩୯ ନିୟୁତ ଥିବାବେଳେ ୨୦୫୦ ତାହା ହ୍ରାସ ପାଇ ୧୩.୦୩ ନିୟୁତ ହେବାକୁ ଯାଉଛି । ଏହି ଧାରା ଅବ୍ୟାହତ ରହି ୨୧୦୦ ବେଳକୁ ଏଥିରେ ତୀକ୍ଷଣ ହ୍ରାସ ଘଟି ଏହି ସଂଖ୍ୟା ହେବ ୩.୭୯ ନିୟୁତ ବୋଲି ଅନୁମାନ କରାଯାଇଛି । ଟୋଟାଲ 'ର୍ଟିଲିଟି ରେଟ ହେଉଛି ପ୍ରଜନନକ୍ଷମ ବୟସ ସୀମା ଯାହା ୧୫-୪୯ ବର୍ଷ ମଧ୍ୟରେ, ଜଣେ ମହିଳା ଜନ୍ମଦାନ କରୁଥିବା ସନ୍ତାନ ସନ୍ତତିଙ୍କ ହାରାହାରି ସଂଖ୍ୟା ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ଟୋଟାଲ 'ର୍ଟିଲିଟି ରେଟ ହେଉଛି ୨.୧ ଯାହାକୁ ରିପ୍ଲେସମେଣ୍ଟ ରେଟ ରୂପେ ବୁଝାଯାଇଥାଏ । ଦି ଲାନସେଟର ତଥ୍ୟ ମଧ୍ୟ ଏହା ଉଲ୍ଲେଖ କରିଛି ଭାରତର ଟୋଟାଲ 'ର୍ଟିଲିଟି ରେଟ ୨୦୨୧ରେ ଏହି ପ୍ରତିସ୍ଥାପନ ହାର ଠାରୁ କମ ହୋଇସାରିଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତରେ ଯେତେବେଳେ ୧୯୯୨-୯୩ରେ ସର୍ବପ୍ରଥମ ରାଉଣ୍ଡ ଏନଏ'ଏଚଏସ ଅନୁଷ୍ଠିତ ହୋଇଥିଲା, ସେତେବେଳେ ଭାରତର ଟିଏ'ଆର ଥିଲା ୩.୪ । ବାଳିକାମାନଙ୍କର ଶିକ୍ଷାସ୍ତରରେ ବୃଦ୍ଧି ଓ ନାରୀମାନଙ୍କର ବଧିବଦ୍ଧ ନିଯୁକ୍ତି କ୍ଷେତ୍ରରେ ପ୍ରବେଶ ହେଉଛି ଟିଏ'ଆରରେ ସ୍ଖଳନ ଘଟିବାର ମୁଖ୍ୟ କାରଣ । ସ୍କୁଲରେ ଅଧିକ କାଳ ବିତାଇଲେ ଏବଂ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ କଲେ ବାଳିକାମାନଙ୍କର ବିବାହ ବିଳମ୍ବିତ ହୋଇଥାଏ । ବିବାହରେ ବିଳମ୍ବ ଘଟିଲେ ନାରୀମାନଙ୍କର ମାତୃତ୍ୱ ଲାଭରେ ସ୍ୱାଭାବିକ ଭାବରେ ବିଳମ୍ବ ଘଟିଥାଏ । ପ୍ରଥମ ସନ୍ତାନ ଭୂମିଷ୍ଠ ହେବାରେ ବିଳମ୍ବ ଘଟିଲେ, ଅଧିକ ପ୍ରଜନନ ପାଇଁ ଉପଲବ୍ଧି ସମୟ ସଙ୍କୁଚିତ ହୋଇଯାଏ ଓ ସଂପୃକ୍ତା ନାରୀ ଜନ୍ମଦାନ କରୁଥିବା ସନ୍ତାନ ସଂଖ୍ୟା ହ୍ରାସ ପାଇଥାଏ । ତା'ଛଡ଼ା ସନ୍ତାନର ଉପଯୁକ୍ତ ଲାଳନପାଳନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଣ ଆଦି ବ୍ୟୟସାପେକ୍ଷ ହୋଇଥିବାରୁ ଶିକ୍ଷିତା, ସଚେତନ ଜନନୀମାନେ ନିଜର ସନ୍ତାନ ପାଇଁ ତାହା ନିଶ୍ଚିତ କରିବା ପାଇଁ ଅଧିକ ସଂଖ୍ୟକ ସନ୍ତାନ ସୃଷ୍ଟି କରିବାରୁ ନିବୃତ୍ତ ରହନ୍ତି ।



ଡାକ୍ତର ଶୁଭଶ୍ରୀ ମିଶ୍ର

ବୃତ୍ତିଧାରିଣୀ ମହିଳାମାନେ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାକୁ ବାଧ୍ୟ ହୋଇଥାନ୍ତି । ଶିଶୁ ମୃତ୍ୟୁହାରରେ ହ୍ରାସ ଓ ସହରୀକରଣ ମଧ୍ୟ ସନ୍ତାନ ସଂଖ୍ୟା ସୀମିତ କରିବାରେ ସହାୟକ ହୋଇଛି । ଉପରୋକ୍ତ ଗବେଷଣା ସଂସ୍ଥା ଯେଉଁ ଆବିଷ୍କାର କରିଛନ୍ତି ଯେ ୧୯୫୦ରୁ ୨୦୨୧ ମଧ୍ୟରେ ସାରା ପୃଥିବୀର ଟିଏ'ଆର ୪.୮୪ରୁ ହ୍ରାସ ପାଇ ତାହାର ଅଧାରୁ ମଧ୍ୟ କମ ହୋଇଯାଇ ହୋଇଛି ୨.୨୩, ତା ପଛରେ ଏଇ ସମସ୍ତ କାରଣ ମାନ ନିହିତ ଅଛି । ଭାରତରେ ଏନଏ'ଏଚଏସ-୫ରୁ ଦେଖାଯାଇଥିଲା ଯେ କେବଳ ବିହାର, ଉତ୍ତରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କତିପୟ ରାଜ୍ୟମାନଙ୍କ ବ୍ୟତୀତ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଟିଏ'ଆରରେ ସ୍ଖଳନ ଘଟିଛି । ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଏନଏ'ଏଚଏସ-୫ରେ ଦେଖାଯାଇଥିଲା ଯେ ଆଦୌ ସ୍କୁଲ ମାଡ଼ି ନଥିବା ନାରୀମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ୨.୮ ହୋଇଥିବାବେଳେ ୧୨ ବା ତତୋଧିକ ବର୍ଷର ଶିକ୍ଷା ଲାଭ କରିଥିବା ନାରୀ ମାନଙ୍କର ହାରାହାରି ସନ୍ତାନ ସଂଖ୍ୟା ଥିଲା ୧.୮ । ବିଶ୍ୱର ବିଶେଷକରି ଅନଗ୍ରସର ଛୋଟ ଦେଶ ମାନଙ୍କ ପାଇଁ ଟୋଟାଲ 'ର୍ଟିଲିଟି ରେଟ ହ୍ରାସ ପାଇବା ନାନା ଗୁରୁତର ସମସ୍ୟା ସୃଷ୍ଟି କରିଥାଏ । ସବୁଠାରୁ ବଡ଼ ପ୍ରଭାବ ପଡ଼ିଥାଏ ଦେଶର ଶ୍ରମ ଶକ୍ତି ଉପରେ । କାରଣ ଏହି କାରଣ ପାଇଁ ଦେଶର ନିୟମିତ ଓ ନିର୍ଭରଶୀଳ ଶ୍ରମ ଶକ୍ତି ସଂକୁଚିତ ହୋଇଯିବାରୁ ଏହାକୁ ପରିପୂରଣ ନିମନ୍ତେ ବାହାର ଶ୍ରମିକଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଏହି କାରଣରୁ ବର୍ତ୍ତମାନ ବିଶେଷକରି ୟୁରୋପର ଅନେକ ଦେଶ ମାନଙ୍କରେ ସାମାଜିକ ଓ ଅସ୍ଥିରତା ସୃଷ୍ଟି କରିଥାଏ । ପୂର୍ବ ଏସିଆର ଦକ୍ଷିଣ କୋରିଆ ଓ ଜାପାନ ପରି ଅଭିବୃଦ୍ଧି ସମ୍ପନ୍ନ ଉନ୍ନତ ଦେଶରେ ଜନସଂଖ୍ୟା ସଂକୋଚନ ଜନିତ ଏକ ବିରାଟ ସଙ୍କଟକୁ ସାମ୍ନା କଲାଣି । କାରଣ ଟୋଟାଲ 'ର୍ଟିଲିଟି ରେଟର ଅଲମବିଲୋମ ହେଲେ ଏହା ଜନସଂଖ୍ୟାର ପେଣ୍ଡୁଲମକୁ ଓଲଟାଇ ଦେବ । ଅର୍ଥାତ୍ ସେ ଦେଶର ଜନସଂଖ୍ୟାରେ ଯୁବପିଢ଼ିଙ୍କ ଠାରୁ ବୃଦ୍ଧ ବୃଦ୍ଧାଙ୍କ ସଂଖ୍ୟା ଢ଼େର ଆଗରେ ରହିବ । ସାମାଜିକ ଚିତ୍ରରେ ମଧ ଏହା ଉଲ୍ଲେଖନୀୟ ଏହି ଯୁବକ ଯୁବତୀମାନେ ଯେଉଁମାନେ କି ଦେଶ, ସମାଜ ଓ ପରିବାରର ଉତ୍ପାଦନଶୀଳତାକୁ ବଢ଼ାଇଥାନ୍ତି କିନ୍ତୁ ବୃଦ୍ଧବୃଦ୍ଧାମାନେ ନିର୍ଭର କରିଥାନ୍ତି । ସମୟ ବଢ଼ିବା ସହ ଏହି ନିର୍ଭରଶୀଳତାର ଅନୁପାତ ବଢ଼ିଲେ ଏକ ସାମାଜିକ ବିଷମ ପରିସ୍ଥିତି ସୃଷ୍ଟି କରିବ । ବୟସ୍କ ମାନଙ୍କ ଜୀବନ ଧାରଣାରେ ଉନ୍ନତମାନର ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ଏକ ରାଷ୍ଟ୍ର ପାଇଁ ବିଶାଳ ଆହ୍ୱାନଧର୍ମୀ ଓ ମାନବୀୟ ବୋଝ ତିଆରି କରିଥାଏ । ଏ କ୍ଷେତ୍ରରେ କେବଳ ଯେ ଛୋଟିଆ ଦେଶମାନେ ଏହି ସଙ୍କଟକୁ ସାମ୍ନା କରୁଛନ୍ତି ତାହା ନୁହେଁ । ଚୀନପରି ବିଶାଳ ଓ ଅଭିବୃଦ୍ଧିରେ ଆଗୁଆ ତଥା ଜନସଂଖ୍ୟା ବିଶିଷ୍ଟ ଦେଶରେ ମଧ୍ୟ ଏହି ସଙ୍କଟ ଆରମ୍ଭ ହେଲାଣି । ପୂର୍ବର ଏକ ସନ୍ତାନ ନୀତିକୁ ବର୍ତ୍ତମାନ ସରକାର ବଦଳାଇ ଥିଲେ ମଧ୍ୟ ଅନେକ ଦମ୍ପତି ଏକାଧିକ ସନ୍ତାନ ଜନ୍ମ ନିମିତ୍ତେ ଆଉ ସହଜରେ ରାଜି ହେଉନାହାଁନ୍ତି । ଭାରତ ମଧ୍ୟ ସ୍ୱାଧୀନତା ପରଠାରୁ ଜନସଂଖ୍ୟା ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେଇ ସମଗ୍ର ଦେଶରେ ପରିବାର ନିୟୋଜନ କାର୍ଯ୍ୟକ୍ରମ ଦ୍ୱାରା ଦେଶରେ ଜନସଂଖ୍ୟା ବୃଦ୍ଧି ଉପରେ ଲଗାମ ଦେବା ପାଇଁ ଉଦ୍ୟମ କରି ଆସିଥିଲା । ଭାରତର ସେହି ଉଦ୍ୟମ ଓ ଦେଶ ହାସଲ କରି ଚାଲିଥିବା ଅର୍ଥନୈତିକ ପ୍ରଗତିର ମିଳିତ 'ଳସ୍ୱରୂପ ବର୍ତ୍ତମାନ ଦେଶର ଟୋଟାଲ 'ର୍ଟିଲିଟି ରେଟ ଏଭଳି ବିଚ୍ୟୁତି ଘଟିବା ଦେଖାଯାଇଛି । ଜାତିସଂଘର ତଥ୍ୟ ଅନୁଯାୟୀ ୨୦୫୦ ବେଳକୁ ଭାରତର ଜନସଂଖ୍ୟା ୧୬୭କୋଟିରେ ପହଞ୍ଚିଥିବ । ତେବେ ଖୁସିର କଥା ସମଗ୍ର ବିଶ୍ୱରେ ବର୍ତ୍ତମାନ ଭାରତର କର୍ମକ୍ଷମ ଯୁବପିଢ଼ି ହେଉଛନ୍ତି ପୃଥିବୀର ବିଶାଳତମ ଯାହାକୁ ଜନସଂଖ୍ୟାଗତ ଲାଭ ଭାବେ ଚିନ୍ତା କରାଯାଉଛି ।

***ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ***




# ଭଲ ହୁଅ ଏବଂ ଭଲ ଦେଖ !

ଆମେ ସମସ୍ତେ କହୁ ଯେ ଭଲ ହେବା ଓ ଭଲ ଦେଖିବା କିନ୍ତୁ ଏହା ଏକ ଛଳନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଆମ୍ଭେମାନେ ଆମ୍ଭମାନଙ୍କ ବ୍ୟକ୍ତିତ୍ୱକୁ ଅନ୍ୟମାନଙ୍କ ପାଇଁ ଆଦର୍ଶର ପ୍ରେରଣା ସୃଷ୍ଟି କରିପାରିନାହୁଁ। ଭଗବାନଙ୍କ ନାମସ୍ମରଣ ଅର୍ଥ ଏକ ଉନ୍ନତ ନୈତିକ ଚେତନାର ବିକାଶ କରିବା ଆମର ଅନ୍ତର ଏହି ପ୍ରକାରେ ଦୀପ୍ତିରେ ସଦା ପ୍ରଜ୍ୱଳିତ ହୋଇ ରହିବା ଉଚିତ। ଆମେ ଜାଣୁ ଯେ ଆଲୋକ ଯେତେବେଳେ ଉଭେଇ ଯାଏ, ସେତେବେଳେ ଅନ୍ଧକାର ଘୋଟି ଆସେ। ଆମର ଦୃଷ୍ଟି ଯେତେବେଳେ ନିର୍ମଳ ହେବ ସେତେବେଳେ କେବଳ ଭଗବାନଙ୍କୁ ଆମେ ଦେଖିପାରିବା। ଅପରିଷ୍କୃତ ମନ କେବଳ ଖରାପ କଥା ହିଁ ଦେଖିବ।

ଯୁଧିଷ୍ଠିର ଥିଲେ ଧର୍ମପରାୟଣ ରାଜା। ସେହି ସମୟରେ ଦୁର୍ଯ୍ୟୋଧନ ଥିଲେ ଅତ୍ୟନ୍ତ ଦୁର୍ମତିସଂପନ୍ନ ବିଧର୍ମୀ ରାଜା। ଦିନେ ଭଗବାନ କୃଷ୍ଣ ତାଙ୍କ ପାଇଁ ଏକ ଖଳ ପ୍ରକୃତିର ଲୋକକୁ ଖୋଜି ଆଣିବାକୁ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଲେ। ଯୁଧିଷ୍ଠିର ସବୁଆଡ଼େ ପରିଭ୍ରମଣ କରି ଗୋଟିଏ ହେଲେ ମନ୍ଦ ଲୋକ ନପାଇ କୃଷ୍ଣଙ୍କ ନିକଟକୁ ଫେରି ଆସିଲେ। ତା'ପରେ କୃଷ୍ଣ ତାଙ୍କ ନିକଟକୁ ଜଣେ ମାତ୍ର ଭଲ ଲୋକଙ୍କୁ ଆଣିବା ପାଇଁ ଅନାଚାରୀ ଦୁର୍ଯ୍ୟୋଧନଙ୍କୁ ଆଦେଶ ଦେଲେ। ସେ ଚାରିଆଡ଼େ ବୁଲିଲେ କିନ୍ତୁ ଜଣେହେଲେ ଭଲ ଲୋକ ତାଙ୍କ ଦୃଷ୍ଟିଗୋଚର ହେଲାନାହିଁ। ସେ କୃଷ୍ଣଙ୍କ ନିକଟକୁ ଫେରିଆସି ତାହା ଜଣାଇଲେ।

ଉପରୋକ୍ତ ଗଳ୍ପଟିରୁ ଆମେ ଏହି ଶିକ୍ଷାଲାଭ କରୁ ଯେ ଆମେ ଯଦି ନିଜେ ଭଲ ହେବା ତାହାହେଲେ ସମସ୍ତେ ଆମ ପ୍ରତି ଭଲ ହେବେ। କିନ୍ତୁ ଆମେ ଯଦି ନିଜେ ମନ୍ଦ ଆଚରଣ କରିବୁ ତାହାହେଲେ ସାରା ସଂସାର ଆମକୁ ଅସାର ବୋଲି ପ୍ରତିଭାତ ହେବ। ପ୍ରତ୍ୟେକ ଲୋକ କିଛିନା କିଛି ସୁଗୁଣର ଅଧିକାରୀ। ଆମେ ଯଦି ମନ୍ଦଗୁଣଗୁଡ଼ିକୁ ନିରୀକ୍ଷଣ କରିବାକୁ ଚାହୁଁ, ତେବେ ପ୍ରଥମେ ଆମେ ଆମ ଭିତରେ ତାହା ଆବିଷ୍କାର କରିବା ଉଚିତ। ଆମେ ଯଦି ଏପରି କରୁ ଧୀରେ ଧୀରେ ଆମ ଭିତରେ ଥିବା ଦୁର୍ଗୁଣଗୁଡ଼ିକ ଲୋପ ପାଇଯିବ। ଆମେ ଯଦି ଅନ୍ୟର ଦୋଷଗୁଡ଼ିକ ଖାଲି ବାଛିବସୁ ଏବଂ ନିଜର ଗୁଣଗାନ କରୁ ତେବେ ଆମର ଯାହା କିଛି ସୁଗୁଣ ଥିବ ତାହା ମଧ୍ୟ ଆମକୁ ଛାଡ଼ି ଚାଲିଯିବ। ତଦ୍ୱାରା ଦୁର୍ଗୁଣଗୁଡ଼ିକ ବଢ଼ି ଚାଲିବ। ଏ ସଂସାରରେ ବାସ କରୁଥିବା ଅନେକ ଲୋକଙ୍କ ଆମେ ନିନ୍ଦାଗାନ କରିଥାଉ, ତାଙ୍କୁ ସମାଲୋଚନା କରୁ, ତାଙ୍କର ଅନିଷ୍ଟ ଚିନ୍ତା କରୁ, ଏପରି ଆଚରଣ କରିବା ଦ୍ୱାରା ଆମର ମନ ଦିନକୁ ଦିନ ଦୂଷିତ ହୋଇଯାଏ। ତେଣୁ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବାକୁ ହେଲେ ଅନ୍ୟର କେବଳ ଭଲଗୁଣଗୁଡ଼ିକ ଦେଖିବା ଉଚିତ। ସମସ୍ତଙ୍କ ପ୍ରତି ସ୍ନେହ ପ୍ରଦର୍ଶନ କରିବା ଉଚିତ।

ଆମେ ଯଦି ଅନ୍ୟମାନଙ୍କର ସୁଗୁଣ ପ୍ରତି ଆକର୍ଷିତ ହେଉ, ତାହାହେଲେ ଆମେ ସେମାନଙ୍କ ହୃଦୟରେ ବିରାଜିତ ଥିବା ଈଶ୍ୱରଙ୍କୁ ଦେଖିପାରିବା, କାରଣ କେବଳ ଭଗବାନ ହେଉଛନ୍ତି ଉତ୍ତମ ଓ ଶ୍ରେଷ୍ଠ। ଅନ୍ୟମାନଙ୍କ ହୃଦୟରେ ତାଙ୍କୁ ଦର୍ଶନ କରିପାରିଲେ ଆମେ ନିଜ ଭିତରେ ମଧ୍ୟ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରିପାରିବା। ଆମେ ଯେତେ ସମୟ ପର୍ଯ୍ୟନ୍ତ ଅନ୍ୟକୁ ସମାଲୋଚନା କରୁଥିବା ସେତେବେଳ ପର୍ଯ୍ୟନ୍ତ ଆମେ ସେମାନଙ୍କ ଆତ୍ମାରେ ଥିବା ଈଶ୍ୱରଙ୍କୁ ଦର୍ଶନ କରିପାରିବା ନାହିଁ।

**ରାଜକିଶୋର ମିଶ୍ର**, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ହୃଦ୍‌ରୋଗର ମାଗଣା ଅସ୍ତ୍ରୋପଚାର



କେନ୍ଦୁଝର (ପିଏନ୍): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ତା୧୨.୦୯.୨୦୨୨ରିଖ ସୋମବାର ଅପରାହ୍ନରେ ହୃଦ୍‌ରୋଗରେ ପିଡିତ ଥିବା ୦୫ ଜଣ ଶିଶୁଙ୍କୁ ମାଗଣା ଅସ୍ତ୍ରୋପଚାର ନିମନ୍ତେ ଅହମ୍ମଦାବାଦ ସ୍ଥିତ ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି । ଚିକିତ୍ସା ନିମନ୍ତେ ଯାଇଥିବା ବିଭିନ୍ନ ବ୍ଲକ୍‌ର ଶିଶୁମାନେ ଯଥା-ଘଟଗାଁ ବ୍ଲକ୍‌ରୁ ୦୨ ଜଣ, ହରିଚନ୍ଦନପୁର ବ୍ଲକ୍‌ରୁ ୦୨ ଜଣ ଏବଂ ପାଟଣା ବ୍ଲକ୍‌ରୁ ୦୧ ଜଣ ଶିଶୁଙ୍କୁ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରୁ ଭୁବନେଶ୍ୱରକୁ ଏବଂ ଭୁବନେଶ୍ୱରରୁ ଅହମ୍ମଦାବାଦକୁ ଟ୍ରେନ୍ ମାଧ୍ୟମରେ ବିନାମୂଲ୍ୟରେ ଗମନାଗମନ କରିବାର ବ୍ୟବସ୍ଥା କରାଯାଇଛି । ଏହି ଶିଶୁ ହୃଦ୍‌ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟ ଅହମ୍ମଦାବାଦ ଠାରେ ହେବ ବୋଲି ଆର୍.ବି.ଏସ୍.କେ ମ୍ୟାନେଜର ବିଜନ କୁମାର ସାହୁ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ମଧ୍ୟ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୪୬ ଜଣ ଶିଶୁ ହୃଦ୍‌ରୋଗୀଙ୍କୁ ଏହି ଆର୍.ବି.ଏସ୍.କେ. ମାଧ୍ୟମରେ ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟକୁ ପଠାଯାଇ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, ଡି.ପି.ଏମ୍. ଏନ୍.ଏନ୍.ଏମ୍. ନିତ୍ୟରଂଜନ ବରାଳ ଏବଂ ଆର୍.ବି.ଏସ୍.କେ ମ୍ୟାନେଜର ବିଜନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ୦୫ ଜଣ ଶିଶୁଙ୍କୁ ବିନାମୂଲ୍ୟରେ ହୃଦରୋଗର ଅସ୍ତ୍ରୋପଚାର ନିମନ୍ତେ ଅହମ୍ମଦାବାଦକୁ ପଠାଯାଇଛି ଏବଂ ହୃଦରୋଗରେ ପିଡିତ ଥିବା ଶିଶୁମାନଙ୍କର ସହାୟତା ନିମନ୍ତେ ଆର୍.ବି.ଏସ୍.କେ. ଏମ୍.ଏଚ୍.ଟି.ର ଆୟୁଷ ଡାଃ ସୂର୍ଯ୍ୟନନ୍ଦନ ଆଚାର୍ଯ୍ୟଙ୍କୁ ସାଙ୍ଗରେ ପଠାଯାଇଛି ।

## ଅମର୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ପାଇଁ ରାସଗୋବିନ୍ଦପୁରରୁ ରାଜଭବନ ପଦଯାତ୍ରା

ବାଲେଶ୍ୱର (ପିଏନ୍)- ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଦାବିକୁ ନେଇ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଗତ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାର ଜାଗ୍ରତ ପ୍ରହରୀ ଭଞ୍ଜସେନା, ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଗଣସଂଗଠନ ଭଏସ ଅଫ ବାଲେଶ୍ୱର ଓ କେନ୍ଦୁଝର ଡେଭଲପମେ କାଉନସିଲ ମିଳିତ ଉଦ୍ୟମରେ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ କାର୍ଯ୍ୟ କରୁଅଛି। ଏଥିରେ ବିଶେଷ କରି ଅମର୍ଦା ଏୟାର ଷ୍ଟ୍ରିପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ରାସଗୋବିନ୍ଦପୁରରୁ ରାଜଭବନ ପର୍ଯ୍ୟନ୍ତ ଅକ୍ଟୋବର ୧୧ରୁ ଏକ ପଦଯାତ୍ରା ଆୟୋଜିତ ହେବ। ଏହାସହ ଆସନ୍ତା ବର୍ଷ ଜାନୁଆରୀ ୧୨ ତାରିଖ ଅର୍ଥାତ ଜାତୀୟ ଯୁବ ଦିବସ ଅବସରରେ ଉ ର ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଓ ଆତ୍ମନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ପର୍ଯ୍ୟଟନ ବିକାଶ ରଥ ଆରମ୍ଭ କରାଯିବ। ସେହିପରି ଚଳିତ ବର୍ଷ ନଭେମ୍ବର ୧୩ ତାରିଖରେ ପର୍ଯ୍ୟଟନ ପରିଷଦ ପକ୍ଷରୁ ବାଲେଶ୍ୱରଠାରେ ଏକ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦର ସଭାପତି କଳିଙ୍ଗ କେଶରୀ ଜେନା ଯୋଗଦେଇ କହିଥିଲେ ଯେ ଉ ର ଓଡ଼ିଶାରୁ ରାଷ୍ଟ୍ରପତିଙ୍କ ସହ ଜଣେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ, ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ଜଣେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମଧ୍ୟ ରହିଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଯେ ଉ ର ଓଡ଼ିଶାର ଆଖିଦୃଶିଆ ଉନ୍ନତି ହୋଇପାରିନି। ବିଶେଷ କରି ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଆଖିଦୃଶିଆ ଉନ୍ନତି ହୋଇପାରି ନ ଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁରସ୍ଥିତ ଅମର୍ଦା ଏୟାର ଷ୍ଟ୍ରିପ ବ ର୍ମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରିନାହିଁ ବୋଲି କହିଛନ୍ତି। ଅନ୍ୟପଟେ ରାସଗୋବିନ୍ଦପୁର ଏୟାର ଷ୍ଟ୍ରିପକୁ କେନ୍ଦ୍ର ସରକାର ଉଡ଼ାଣ ଯୋଜନାରେ ସାମିଲ କରିଛନ୍ତି। ତେବେ ଏହା କେବେ କାର୍ଯ୍ୟକ୍ଷମ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାବ୍ୟତୀତ ରାଜପଥ ଓ ରେଳପଥ ସମ୍ପ୍ରସାରଣ ହେଲେ ଆ ଳିକ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦର ଆବାହକ ଡ. ସନ୍ଦୀପ ପଟ୍ଟନାୟକ, ପରିଷଦର କାର୍ଯ୍ୟକାରୀ ସଭାପତି ଅରିଜିତ ଘୋଷାଲ, ଉପସଭାପତି ରଣଜିତ ପଣ୍ଡା, ସଂପାଦକ ଗୌତମ ସେଠୀ, ସାଂଗଠନିକ ସଂପାଦକ ଚନ୍ଦନ ଶତପଥୀ ଏବଂ ଉପଦେଷ୍ଟା ଅସିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ହକି ଦଳର ଭୁବନେଶ୍ୱର ଯାତ୍ରା

ବାଲେଶ୍ୱର (ପିଏନ୍)-ଦୀର୍ଘ ୨୦ ବର୍ଷ ପରେ ବାଲେଶ୍ୱର ଜିଲ୍ଲା ହକି ଟିମ୍ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଗତ ରବିବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ୧୬ ଜଣ ଖେଳାଳୀଙ୍କ ସହିତ ଜଣେ ମ୍ୟାନେଜର ଓ ଜଣେ କୋଚ୍ ମଧ୍ୟ ଯାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଜିଲ୍ଲା କ୍ରୀଡ଼ା ଛାତ୍ରାବାସରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଓ ଜିଲ୍ଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ୧୭ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡ଼ିୟମ ଓ କିଟ୍ ପଡ଼ିଆରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଶାନ୍ତିର ମାର୍ଗ

ଆଜି ସମସ୍ତେ ଖୋଜି ବୋଲୁଛନ୍ତି ଶାନ୍ତି କାହିଁ ? ଅଶାନ୍ତ ମାନବ ଜୀବନ, ଅଶାନ୍ତ କର୍ମମୟ ଜୀବନ, ସଂସାର ଜୀବନ ସହ ଅଶାନ୍ତ ପୃଥିବୀରେ ଶାନ୍ତି ପାଇଁ ସମସ୍ତେ ବ୍ୟାକୁଳ। ଆସନ୍ତୁ ତା ଉପରେ ଗୋଟିଏ ଛୋଟିଆ ଆଲୋଚନା ରଖିବା। ଯେଉଁମାନେ ଈର୍ଷା, ଅହଂକାର ଓ ଅଜ୍ଞାନଭାବ ସମ୍ପନ୍ନ, ସେମାନେ ମାର୍ଗରୁ ଅପସରି ଯାଆନ୍ତି। ଶେଷରେ ସେମାନେ କ୍ଷତିଗ୍ରସ୍ତ ହୁଅନ୍ତି। ମଣିଷର ସର୍ବାଧିକ ପ୍ରୟୋଜନ ହେଉଛି ଶାନ୍ତି। ଶାନ୍ତି ବିନା ଜୀବନର ନିରର୍ଥକ। ପ୍ରଗାଢ଼ ଉଦ୍ୟମ ମାଧ୍ୟମରେ ହେଉ ବା ଅନ୍ୟ କୌଣସି ମାର୍ଗରେ ହେଉ ଶାନ୍ତି ଭାବର ସୁରକ୍ଷା କରିବାକୁ ପଡ଼ିବ। କୋଇଲିର ମଧୁର ଗାନ କାଉକୁ ଭଲ ଲାଗି ନପାରେ ହଂସକୁ ଦେଖି ବତକ ଖୁସି ହୋଇନପାରେ। ଆମେ ଯଦି ଆମ ଖିଆଲ ଦ୍ୱାରା ଭାସିଯିବା ଶେଷରେ ନିଜର ନିଜତ୍ୱ ହରାଇ ବସିବା।

ଧର୍ମରାଜ ରାଜା ମାନଙ୍କ ରାଜା ଥିଲେ। ସେ ଜଣେ ଶକ୍ତିଶାଳୀ ବ୍ୟକ୍ତି ଥିଲେ ଓ ସମସ୍ତ ସଦ୍‌ଗୁଣର ସାକାର ପ୍ରତିମୂର୍ତ୍ତି ଥିଲେ। ତାଙ୍କ ଚାରିଭାଇମାନେ ପ୍ରତ୍ୟେକେ ବଳଶାଳୀ ଓ ପରାକ୍ରମୀ ଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପ୍ରଭୁ ଜ୍ଞାନ କରି ଧର୍ମରାଜ ସାଧନା କରୁଥିଲେ। ପାଣ୍ଡବମାନଙ୍କ ଏତେ ସବୁ ଥାଇ ମଧ୍ୟ କ'ଣ ହେଲା? ଅଧିକରୁ ଅଧିକ ଦୁଃଖ ଯାତନା ଭୋଗିଲେ ସେମାନେ। କୌରବମାନେ ତାଙ୍କ ସ୍ତ୍ରୀଙ୍କୁ ଅବମାନନା କଲେ, ତାଙ୍କୁ ଅରଣ୍ୟକୁ ପଠାଇ ଦେଲେ। ଏ ସବୁ ସତ୍ତ୍ୱେ ଧର୍ମରାଜଙ୍କର ଶାନ୍ତଭାବ ଯୋଗୁଁ ସେମାନେ ସବୁ କିଛି ଫେରି ପାଇଲେ। ସେ ଘୋଷଣା କରି କହିଲେ, 'ଶାନ୍ତି ଆମର ଧର୍ମ, ଶାନ୍ତି ଦ୍ୱାରା ଆମେ ସବୁକିଛି ପାଇ ପାରିବା। ଦୁରାବସ୍ଥାରେ ପଡ଼ି, ଘୃଣା ଓ ଉତ୍ତେଜନା ଦ୍ୱାରା ଆମେ ଶାନ୍ତିରକ୍ଷା କରି ପାରିବା ନାହିଁ। ବରଂ ତଦ୍ୱାରା ଆମେ ସମାଜର କ୍ଷତି କରିବା।' ବାସ୍ତବିକ ଆଜିର ଦୁନିଆ ଏଇ ଶାନ୍ତି ଭାବ ଟିକକ ହରାଇ ବସିଛି। ସେଥିଲାଗି ସର୍ବତ୍ର ଗଣ୍ଡଗୋଳ। ଦୁର୍ଭିକ୍ଷ ଭୟ, ଯୁଦ୍ଧ ଭୟ, ଜାତି, ଧର୍ମ ଓ ବର୍ଣ୍ଣଗତ ସମସ୍ୟା ସର୍ବତ୍ର ପ୍ରବଳ। କ୍ଷମତା ଲୋଭ, ସ୍ୱାର୍ଥପର ଚିନ୍ତା ଓ ଆନ୍ଦୋଳନାତ୍ମକ ମାର୍ଗରେ ଛାତ୍ରମାନେ ପ୍ରବାହିତ। ଏ ସବୁର କାରଣ କ'ଣ? ଏହାର କାରଣ ଆମେ ଆମ ନିଜର ସ୍ୱଭାବ ଶାନ୍ତିକୁ ଉପଲବ୍ଧି କରିବାକୁ ଅସମର୍ଥ।

ତେବେ ସେ ଶାନ୍ତିଟି କ'ଣ? ସେ ଗୋଟିଏ ନିର୍ମଳ ପ୍ରେମ ସମ୍ଭୁତ ଗୋଟିଏ ସୁରଭିତ କଳିକା। ସତକର୍ମ ଫଳ ପ୍ରସୂତ ଏକ ସୌରଭ। ପୂର୍ବ ପୂଣ୍ୟ ଲବ୍ଧ। ଏହି ଅମୂଲ୍ୟ ଶାନ୍ତ ଭାବ ହରାଇଲେ ଆମେ ସବୁକିଛି ହରାଇବା। ପୁରାକାଳରୁ ମୁନିଋଷିମାନେ ଶାନ୍ତିର ମହତ୍ୱ ଘୋଷଣା କରି ଆସୁଛନ୍ତି। ଯେତେ ଉପହସିତ ହେଲେ ସୁଦ୍ଧା, ଅନେକ ଯୋଜନା ଭୋଗିଲେ ମଧ ସେମାନେ ତାଙ୍କର ଶାନ୍ତି ଅବ୍ୟାହତ ରଖି ଆସିଛନ୍ତି। ଏହି ପ୍ରାଥମିକ ବସ୍ତୁଟି ମଣିଷ ରକ୍ଷା କରିବା ଦରକାର। ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଆମେ ନିଜର ପରିଚୟ ମଧ ହରାଇ ବସିବା। ମଣିଷ ହିସାବରେ ମଣିଷ ସମାଜରେ ମଣିଷର ଦାୟାଦ ହୋଇ ଜନ୍ମ ଲାଭ କରି ଯଦି ଆମେ ଯଦି ମଣିଷର ଗୁଣ ପ୍ରଦର୍ଶନ ନକରିବା ତେବେ ସେ ମାନବ ଜନ୍ମର ମୂଲ୍ୟ କ'ଣ ? ଶାନ୍ତି ଜୀବନକୁ ସୁରଭିତ କରେ। ଗୋଟିଏ କୁରାଢ଼ି ନେଇ ଚନ୍ଦନ ଗଛକୁ ହାଣିଲେ ଗଛ ସେଥିରେ ପ୍ରତିବାଦ କରେନାହିଁ ବରଂ କୁରାଢ଼ିକୁ ତାର ସୁଗନ୍ଧ ଦେଇଥାଏ। ଧୂପ କାଠିଟିରେ ଅଗ୍ନି ସଂଯୋଗ କଲେ ସେ ବିନା ବାଧାରେ ସୁଗନ୍ଧ ଖେଳାଇ ଦିଏ। ସେହି ଅନୁସାରେ ପ୍ରକୃତ ଭକ୍ତ ଓ ସାଧକ କୌଣସି ପରିସ୍ଥିତିରେ ନିଜର ଶାନ୍ତି କ୍ଷୁର୍ଣ୍ଣ ହେବାକୁ ଦେବା ଉଚିତ ନୁହେଁ, ବରଂ ଚାରିଆଡ଼େ ଆନନ୍ଦ ଖେଳାଇ ଦେବା ଉଚିତ। ଏହି ମୌଳିକ ସାଧନା ମାଧ୍ୟମରେ ଶାନ୍ତି ଲାଭ ହୋଇଥାଏ। ବାହ୍ୟଜଗତରୁ ଶାନ୍ତି ଆଦୌ ମିଳିପାରିବ ନାହିଁ। ନିକଟ ସମ୍ପର୍କୀୟଙ୍କ ପାଖରୁ ମଧ ନୁହେଁ, କୋଠାବାଡ଼ି ସୁନାମ ଓ ଖ୍ୟାତି କେହି ଶାନ୍ତି ଦେଇପାରିବେ ନାହିଁ। ନିଜ ଅନ୍ତରରୁ ଏହା ଉଲ୍ଲସି ଉଠେ, ବାହାରୁ କୌଣସିଠାରୁ ଏହା ଉପାର୍ଜନ କରାଯାଇପାରେ ନାହିଁ।

## ବନ୍ୟା ଜଳବନ୍ଦୀ ବିପନ୍ନଙ୍କ ସମସ୍ୟା

ଭୁବନେଶ୍ୱର (ପିଏନ୍): ବିଭିନ୍ନ ନଦୀର ବନ୍ୟାଜଳ ହ୍ରାସ ହୋଇଥିଲେ ହେଁ, ବନ୍ୟା ଜଳବନ୍ଦୀ ଥିବା ବିପନ୍ନଙ୍କ ଦୁର୍ଦ୍ଦଶା ଏଯାଏଁ କମିନାହିଁ। ଗଙ୍ଗୁଆ ନଦୀରୁ ଉଦ୍‌ବୃ ବନ୍ୟାଜଳରେ ବନ୍ଦୀ ଥିବା ରାଜଧାନୀ ଭୁବନେଶ୍ୱରର ଟିକରପଡ଼ା ପ ାୟତର କଲ୍ୟାଣପୁର ଶାସନ ହରିଜନ ସାହିର ବାସିନ୍ଦା ଏବେ ନାହିଁ ନଥିବା ସମସ୍ୟାରେ ରହିଛନ୍ତି। ବନ୍ୟାଜଳରେ ମାଟିଘର ଏଠାରେ ଭୁଷୁଡ଼ି ପଡ଼ିଥିବାବେଳେ ଗାଁ ଦାଣ୍ଡ ପାର୍ଶ୍ୱରେ ବନ୍ୟାଜଳ ଜମି ରହିବା ଯୋଗୁଁ ସାହିର ପ୍ରାୟ ୫୦ ପରିବାର ମଧ୍ୟରୁ ଅନେକ ନିକଟରେ ଥିବା ଅଙ୍ଗନବାଡ଼ିରେ ରହିଛନ୍ତି। ମୁଖ୍ୟ ଦୟାନଦୀ ବନ୍ଧ ରାସ୍ତାରୁ ଏହି ସାହିକୁ ଗମନାଗମନ ଏକପ୍ରକାର ଠପ୍ ହୋଇଯାଇଛି। ଦୁର୍ଗମ ବନ୍ୟାପ୍ଲାବିତ ଅଂଚଳ ଅଧିବାସୀଙ୍କ ଭଳି ଏଠାକାର ବାସିନ୍ଦାଙ୍କ ଚଳଣି ସ୍ୱାଭାବିକ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଂଚଳର ଆ ଳିକ ବିକାଶ ପରିଷଦର ଯୁବକମାନେ ଏକ ମହାନ କାର୍ଯ୍ୟ କରିଛନ୍ତି। ନିଜ ହାତରୁ ଚାନ୍ଦା ଆଦାୟ କରି ଚୁଡ଼ା, ଚିନି ବିସ୍କୁଟ, ପିଇବାପାଣି, ପିଲାମାନଙ୍କ ପାଇଁ ଶୁଖିଲା ଖାଦ୍ୟ ଧରି ପ୍ରାୟ ୪୦୦ ମିଟର ବନ୍ୟାଜଳରେ ଯାଇ ସାହିରେ ପହ ିଥିଲେ। ସେଠାରେ ଲୋକମାନଙ୍କର ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟା ପଚାରି ବୁଝିବା ସହ ଏହି ସମସ୍ତ ଖାଦ୍ୟକୁ ବ ନ କରିଥିଲେ। ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ପ୍ରଶାନ୍ତ ମିଶ୍ର, ଲକ୍ଷ୍ମିଧର ପ୍ରଧାନ, ଲଳିତ ମୋହନ ବେହେରା, ଲିଙ୍ଗରାଜ ଜେନା, ଅରୁଣ ପୁରୋହିତ, ବାବୁଲି ସ୍ୱାଇଁ, ତପନ ସାମନ୍ତରାୟ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଯୁବକମାନଙ୍କର ଏଭଳି ସହଯୋଗକୁ ଅଂଚଳବାସୀ ପ୍ରଶଂସା କରିଥିଲେ।

## ବନ୍ୟାରେ ଉଜୁଡ଼ି ଗଲା ଚାଷୀର ବର୍ଷକର ଫସଲ



ଫୁଲନଖରା (ପିଏନ୍)-ସିଡୁଆ ନଦୀରେ ବନ୍ୟା ଆସିବା ଦ୍ୱାରା ଚାଷୀମାନଙ୍କର ହଜାର ହଜାର ହେକ୍ଟର ପରିବା ଫସଲ ପାଣିରେ ବୁଡ଼ିକି ଅଛି । ସଦର ଥାନା ଅନ୍ତର୍ଗତ ସିଡୁଆ ନଦୀ ପଠାରେ ଥିବା ନିଜ ଜମିରେ ସଇଁନ୍ଧା, ଖଣ୍ଡେଏତା, ନାଗବାଲି, ଧାନହରାପଡ଼ା, ଶଙ୍ଖତ୍ରାସ, ଉଷୁମା, କୋରକରା ଓ ଖଲର୍ଦ୍ଧାର ଚାଷୀମାନେ ପୋଟଳ, ଜହ୍ନି, ବାଇଗଣ, କଖାରୁ, ବରୁଗୁଡ଼ି, କଲରା, ଭେଣ୍ଡି, ସାରୁ ଚାଷ କରିଥିବା ହଜାର ହଜାର ହେକ୍ଟର ଜମିରେ ପାଣି ମାଡ଼ିଯିବାରୁ ଫସଲ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଏହି ଚାଷପ୍ରଧାନ ଗ୍ରାମଗୁଡ଼ିକର ଅଧିକାଂଶ ଚାଷୀ ଏହି ଜମିରେ ଚାଷ କରି ନିଜର ପିଲା ଛୁଆ ପ୍ରତିପୋଷଣ କରିବା ସହ ନିଜର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିଥାନ୍ତି । ଫସଲ ଉପରେ ପାଣି ମାଡ଼ି ଯିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ବନ୍ୟା ଛାଡ଼ି ଗଲାପରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଫସଲ କ୍ଷୟକ୍ଷତିକୁ ଆକଳନ କରି ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସେମାନେ ଦାବି ଜଣାଇଛନ୍ତି ।

## ସଦ୍‌ଭାବନା ଦିବସ ପାଳନ ଅବସରରେ ଶପଥ ପାଠ

ବାଲେଶ୍ୱର (ପିଏନ୍)-ସଦ୍‌ଭାବନା ଦିବସ ପାଳନ ଅବସରରେ ପୂର୍ବାହ୍ନ ୧୦ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶପଥ ପାଠ କାର୍ଯ୍ୟକ୍ରମ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଗୃହ ବିଭାଗ ଓ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଜାତି, ସମ୍ପ୍ରଦାୟ, ଧର୍ମ, କ୍ଷେତ୍ର ଓ ଭାଷାର ଭେଦଭାବ ବିନା ସମସ୍ତ ଭାରତୀୟଙ୍କ ଭାବନାତ୍ମକ ଏକତା ଏବଂ ସଦ୍‌ଭାବନା ନିମନ୍ତେ କାର୍ଯ୍ୟ କରିବା ଏବଂ ହିଂସାର ଆଶ୍ରୟ ନ ନେଇ ସମସ୍ତପ୍ରକାର ମତଭେଦକୁ କଥାବାର୍ତା, ଆଲୋଚନା ଓ ସାମ୍ବିଧାନିକ ବିଧି ମୁତାବକ ସମାଧାନ କରିବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ କୁନ୍ତଳା କୁମାରୀ ମଲ୍ଲିକ, ସହକାରୀ ଜିଲ୍ଲାପାଳ ସ୍ୱାଗତିକା ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ବିଶ୍ୱଦର୍ଶୀ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ, କର୍ମଚାରୀ, ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସିଡିପିଓ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଏହି ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## କୁଖ୍ୟାତ କାର ଠକ ଗିରଫ

ଫୁଲନଖରା (ପିଏନ୍)-ବିଭିନ୍ନ ଜିଲାରୁ କାର ଲୁଟ କରିବା ଅଭିଯୋଗରେ ସଦର ଥାନା ପୋଲିସ ଜଣେ ପୁରୁଣା କାର ଲୁଟେରାକୁ ଗିରଫ କରିଛି। ତା' ନିକଟରୁ ଏକ ମାରୁତି ବଲେନୋ କାର ଜବତ ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସଦର ଥାନା ସାଇଁଶୋ ମୌଜାର ରଂଜନକୁମାର ବେହେରା (୨୯) କାର ମାଲିକମାନଙ୍କ ନିକଟକୁ ଯାଇ ସେମାନଙ୍କ କାର ବିକ୍ରି କରିଦେବାକୁ କହି କୌଶଳକ୍ରମେ ଗାଡ଼ି ନେଇ ଯାଉଥିଲା। ପ୍ରଥମେ ଅଳ୍ପ କିଛି ଟଙ୍କା ଦେଲାପରେ ଆଉ ଧରାଛୁଆଁ ଦେଉ ନ ଥିଲା। ଏଭଳି କାରବାର ସେ ଆଠଗଡ଼, ଖୁଣ୍ଟୁଣି, ଲକ୍ଷ୍ମୀସାଗର, ଚାଉଳିଆଗଂଜ, ବାଦାମବାଡ଼ି ସମେତ ସଦର ଥାନା ଅଞ୍ଚଳରେ ଦୀର୍ଘଦିନ ଧରି ଚଳାଇଆସିଛି। ଏହି ଘଟଣାରେ ସେ ପୂର୍ବରୁ ଜେଲ ମଧ୍ୟ ଯାଇଥିବା ପୁଲିସ ଜାଣିବାକୁ ପାଇଛି। କଟକର ଲିଲି ନାୟକ ନାମକ ଜଣେ ମହିଳାଙ୍କ ବଲେନୋ କାରକୁ ବିକିଦେବ କହି ତାଙ୍କ ସହିତ ଚୁକ୍ତି କରିଥିଲା। ମାତ୍ର ଏ ବାବଦ ଟଙ୍କା ପରିଶୋଧ ନକରି ଲୁଚିବାରୁ ଲିଲି ସଦର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୁଲିସ ତଦନ୍ତ କରିବା ସହିତ ଅଭିଯୁକ୍ତ ରଂଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ରଶ୍ମିରଂଜନ ମହାପାତ୍ର କହିଛନ୍ତି।

## ବିଜେବି କଲେଜରେ ବୈଭବୀ ଦାଶଙ୍କୁ ଉଦୟନାଥ ସ୍ମାରକୀ ସମ୍ମାନ

ଭୁବନେଶ୍ୱର (ପିଏନ୍): ଯୁକ୍ତ ୩ ବିଜେବି ମହାବିଦ୍ୟାଳୟର ଆନ୍ଥ୍ରୋପଲୋଜି ବିଭାଗରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ବୈଭବୀ ଦାଶଙ୍କୁ ଉଦୟନାଥ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଛି। ଏଥିସହ ୪ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ସମ୍ମାନ ପ୍ରଦାନ ବେଳେ କଲେଜର ଅଧକ୍ଷ ଡ଼ ନିରଂଜନ ମିଶ୍ର, ଆନ୍ଥ୍ରୋପଲୋଜି ବିଭାଗର ମୁଖ୍ୟ ଇତିଶ୍ରୀ ପାଢ଼ୀ ଓ ସୋସଲଜି ବିଭାଗ ମୁଖ୍ୟ ବିଭାବରୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-କଟକ ବିଦ୍ୟୁତ ମଣ୍ଡଳ ଗୋପାଳପୁର ଉପଖଣ୍ଡ ଅଧିନ ଅଡ଼ଶପୁର ପ୍ରଭାଗଦ୍ୱାରା ଫତେଗଡ଼ଠାରେ ଏକ ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଆଜାଦି କା ଅମୃତ ମହୋତ୍ସବ ଅବସରରେ ଉଦଘାଟିତ ଏହି ଉତ୍ସବରେ ଟାଟା ପାୱାର କଟକ ମଣ୍ଡଳ ଅଧିକ୍ଷଣ ଯନ୍ତ୍ରୀ ଇଂ. ଦେବାଶିଷ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ମନୋଜକୁମାର ସାହୁ, ଗୋପାଳପୁର ଏସଡ଼ିଓ ଇଂ. ଛବିଳ ବେହେରା ଓ ରଂଜନକୁମାର ଜେନା ଅତିଥିରୂପେ ଯୋଗ ଦେଇଥିଲେ। ଏହି କେନ୍ଦ୍ରଦ୍ୱାରା ବିଦ୍ୟୁତ ଉପଭୋକ୍ତାମାନଙ୍କୁ ତ୍ୱରିତ ସେବା ଯୋଗାଇ ଦିଆଯିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶର୍ମା, ଚିତ୍ତରଂଜନ ବିଶ୍ୱାଳ, ସରପଞ୍ଚ ସୁରେଶ ଭୋଇ, ବିଶ୍ୱରଂଜନ ସାହୁ, ଜ୍ଞାନରଂଜନ ମହାନ୍ତି, ପ୍ରବୋଧ ରଣା ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମିରଂଜନ ମହାନ୍ତି, ରମେଶ ଜେନା, ଚକ୍ରଧର ମହାରଣା, ବସନ୍ତ ପ୍ରତାପ, ମନ୍ମଥ ଘୋଷ, ରବିନ୍ଦ୍ର ସାହୁ ଓ ତ୍ରିନାଥ ଜେନା ପ୍ରମୁଖ ଲାଇନମ୍ୟାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାଦିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

# ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ ର୍ କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁ ର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

# ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତୃତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୃର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥିଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା ।

## ଭଗବାନ ଦ୍ୱିବେଦୀଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକସଭା ପାଳିତ

ବାରିପଦା,(ପିଏନ)- ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀଙ୍କ ପିତା ଭଗବାନ ଦ୍ୱିବେଦୀଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି ଡ଼ା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା, ଉପସଭାପତି ଦୋଳଗୋବିନ୍ଦ ଦାଶ, କୋଷାଧ୍ୟକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ନରୋତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆମେ ସମସ୍ତେ ଜଣେ ଉତମ ଯାଜ୍ଞିକ ବ୍ରାହ୍ମଣଙ୍କୁ ହରାଇ ଦେଇଛୁ । କର୍ମକାଣ୍ଡ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ସହ ଦକ୍ଷତା ରହିଥିଲା । ମୟୂରଭଞ୍ଜ ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ପ୍ରାୟ ୫ଶହରୁ ଅଧିକ ଯୋଜମାନ ରହିଥିଲେ । ସରଳ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଆଧାରୀ ହୋଇଥିବା କାରଣରୁ ସମସ୍ତଙ୍କ ନିକଟରେ ପ୍ରିୟପାତ୍ର ଓ ଆସ୍ଥା ଭାଜନ ହୋଇପାରିଥିଲେ । ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ଏକ ଉତମ କର୍ମକାଣ୍ଡବିତ୍‌ଙ୍କୁ ସବୁଦିନ ନିମନ୍ତେ ହରାଇ ବସିଛି ବୋଲି ବକ୍ତାମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାସଭାର ବରିଷ୍ଠ ସଭ୍ୟ ଆଶୁତୋଷ ଆଚାର୍ଯ୍ୟ, ବ୍ରଜକିଶୋର ଦାଶ, ଗୋପୀନାଥ ପଣ୍ଡା, ସିଦ୍ଧେଶ୍ୱର ଶତପଥୀ, କାମେଶ୍ୱର ତ୍ରିପାଠୀ, ସଭ୍ୟା ଭଗବତୀ ଦାଶ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭଗବାନଙ୍କ ନିକଟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

# ପତିତପାବନ ବାନା

ସୂକ୍ଷ୍ମ ରୂପଧାରୀ ଉଭୟ ଜୀବାତ୍ମା ଏବଂ ପରମାତ୍ମା ମିଳନ ପାଇଁ ବ୍ୟଗ୍ର, ଯେପରି ପ୍ରବଳ ପ୍ରବାହିତ ପୂର୍ଣ୍ଣଗର୍ଭା ନଦୀ ମହାସାଗରରେ ଲୀନ ହୋଇଯିବା ପାଇଁ ବ୍ୟାକୁଳ । ଚଳମାନ ସମୟ, ଆତ୍ମା ଏବଂ ଜଳ ନିଜର ଅସ୍ତିତ୍ୱ ହରାନ୍ତି । ସମୟ ଏବଂ ଆକାଶ ଈଶ୍ୱର-କୃତ । ଈଶ୍ୱର ହିଁ ବ୍ରହ୍ମ, ଶ୍ରୀଜଗନ୍ନାଥ ପୂର୍ଣ୍ଣବ୍ରହ୍ମ, ବିକଳ୍ପହୀନ ସର୍ବବ୍ୟାପ୍ତ, ସର୍ବଜ୍ଞାତା ଏବଂ ସର୍ବ ଶକ୍ତିମାନ । ସ୍ୱର୍ଗ ପ୍ରାପ୍ତି ବା ମୋକ୍ଷ ପ୍ରାପ୍ତି ହେଉଛି ପରମାନନ୍ଦ ସ୍ଥିତି, ଯେଉଁଠାରୁ ଜୀବ ପୁନର୍ବାର ଜନ୍ମମରଣ ଚକ୍ରକୁ ପ୍ରତ୍ୟାବର୍ତ୍ତନ କରେ ନାହିଁ ବୋଲି ବିଶ୍ୱାସ କରାଯାଏ । ପବିତ୍ର ପୁରୁଷୋତ୍ତମ କ୍ଷେତ୍ରର ଅଧିପତି ସ୍ୱୟଂ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ଶ୍ରୀହରି, ଦାରୁବ୍ରହ୍ମ ନୀଳକନ୍ଦରରେ ଚତୁର୍ଦ୍ଧାମୂର୍ତ୍ତି ରୂପେ ପ୍ରକଟିତ ଆର୍ତ୍ତଜନଙ୍କର ଦୁଃଖ ଲାଗବ ପାଇଁ, ଶ୍ରୀମନ୍ଦିରରେ ରତ୍ନସିଂହାସନରେ ବିରାଜିତ । ଭାବମୟ ଠାକୁର ଭକ୍ତର ଭଗବାନ ହେଉଛନ୍ତି ଶ୍ରୀଜଗନ୍ନାଥ । ସମଗ୍ର ଜଗତର ଆରାଧ ଦେବତା ଭାବରେ ତାଙ୍କର ନାମ ସହିତ ଏ ଜଗତର ସଂପର୍କ ଅତି ନିବିଡ଼ । ସବୁ ଭେଦାଭେଦ ଭିତରେ ସିଏ ଅଭିନ୍ନ । ଇହ ଜଗତର ପରିପୂର୍ଣ୍ଣ ଷୋଳକଳାର ଠାକୁର । ଭକ୍ତଙ୍କ ସହିତ ଭାବର


ଯଶସ୍ୱିନୀ ପଟ୍ଟନାୟକ

ଲୀଳାଖେଳା କରି ସେ ନୀଳସିନ୍ଧୁ ତଟରେ ନୀଳାଚଳରେ ବିରାଜିତ । ଭକ୍ତଙ୍କର ପୂର୍ଣ୍ଣ ଆଶା ଭରସାର ପ୍ରଭୁପଣରେ ସେ ଅଦ୍ୱିତୀୟ, କାରଣ ତାଙ୍କ ଦେଉଳର ନୀଳଚକ୍ର ଉପରେ ପତିତପାବନ ବାନା ହିଁ ଭକ୍ତଙ୍କୁ ଉଦ୍ଧାର କରିବା ପାଇଁ ଫରଫର ହୋଇ ଉଡୁଥାଏ । ଶ୍ରୀଜଗନ୍ନାଥ ସଂସ୍କୃତିରେ ପତିତପାବନ ଏକ ପରିଚିତ ଶବ୍ଦ । ସ୍ୱୟଂ ଠାକୁରଙ୍କ ପରିଚୟ ପତିତପାବନ । ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରେ ପ୍ରଭୁ ପତିତପାବନ ଭାବରେ ଦର୍ଶନ ଦେଉଥିବାବେଳେ ତାଙ୍କ ମନ୍ଦିର ଚୂଡ଼ାରେ ଉଡୁଥିବା ବାନା ବା ପତାକାର ନାମ ମଧ ସେୟା । ପୁଣି ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷ ଯାତ୍ରାର ଅନ୍ୟ ନାମ ପତିତପାବନ ଯାତ୍ରା । ତଥ୍ୟ ଅନୁଯାୟୀ ୧୬୦, ୧୨୦, ୧୦୧ ଓ ୫୧ ହାତ ଲମ୍ବର ଧ୍ୱଜା ସହିତ ପାଦୁକା ଶୋଷା ଧ୍ୱଜା ମଧ ବିଭିନ୍ନ ସମୟରେ ବନ୍ଧା ଯାଇଛି ଶ୍ରୀମନ୍ଦିରରେ । ପାଦୁକା ଶୋଷା ବେଶ ଦୀର୍ଘ । ନୀଳଚକ୍ର ଉପରୁ ଲମ୍ବି ଆସିଥିବା ଏହି ବାନାର ଶେଷାଂଶ ପଡ଼ିଥାଏ ପାଟ ଅଗଣାରେ ଥିବା ପାଦୁକ କୁଣ୍ଡରେ । ମାନସିକ କରି ଭକ୍ତମାନେ ମଧ ବାନା ବାନ୍ଧିଥାନ୍ତି ଶ୍ରୀମନ୍ଦିରରେ । ପତିତପାବନ ବାନା ଭକ୍ତଙ୍କୁ ଦୂରରୁ ହାତଠାରି ଆଣିଥାଏ ପାଖକୁ ।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*


MAHARISHI PUBLIC SCHOOL

2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Tuesday July 30 2024 | ଭୁବନେଶ୍ୱର ମଙ୍ଗଳବାର, ଜୁଲାଇ ୩୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮

# ଆଜି ରାୟଗଡ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଠାରେ ସିଟି ସ୍କାନ ଉଦଘାଟନ



ରାୟଗଡ,(ପି.ଏନ): ଆଜି ରାୟଗଡ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଠାରେ ଜିଲ୍ଲାପାଳ ରାୟଗଡ ଶ୍ରୀ ମନୋଜ ସତ୍ୟବାନ ମହାଜନ ସିଟି ସ୍କାନ ବ୍ୟବସ୍ଥାକୁ ଉଦଘାଟନ କରିଛନ୍ତି କ୍ଷ ଓଡିଶା ସରକାର ଓ ସ୍ପନ୍ଦନ ଡ଼ାଇଗ୍ନସ୍ଟିକ ପ୍ରାଇଭେଟ ସଂସ୍ଥା ପିପିପି ମାଧ୍ୟମରେ ଏହା କାର୍ଯ୍ୟକାରୀ ହେବ କ୍ଷ ରୋଗୀ ମାନଙ୍କ ନିମନ୍ତେ ଏହି ସ୍ୱାସ୍ଥ୍ୟ ସେବା ବିନା ଶୁଳ୍କ ତଥା ୨୪ ଘଣ୍ଟିଆ ଅନବରତ ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବ କ୍ଷ ଜିଲ୍ଲାରେ ଏହି ସ୍ୱାସ୍ଥ୍ୟ ସୁବିଧା ନଥିବାରୁ, ରୋଗୀ ମାନେ ବାହାରକୁ ଯାଇ ଖର୍ଚ୍ଚାନ୍ତ ହେଉଥିଲେ, ବର୍ତ୍ତମାନ ଆମ ଜିଲ୍ଲା ରେ ଏହି ସେବା ଉପଲବ୍ଧ ହେଉଥିବାରୁ ଜିଲ୍ଲାବାସୀ ବହୁ ପରିମାଣ ରେ ଉପକୃତ ହେବେ କ୍ଷ ସମସ୍ତ ମସ୍ତିଷ୍କ ଆଘାତ ଓ ଟ୍ରମା କେଶ ଭଳି ଜରୁରୀ ସ୍ୱାସ୍ଥ୍ୟାବସ୍ଥା ଗୁଡିକ ପରୀକ୍ଷା କରାଯାଇ ଦୁଇ ଘଂଟାରେ ମଧ୍ୟରେ ତାହାର ରିପର୍ଟ ପ୍ରଦାନ କରାଯିବ କ୍ଷବାକି ଅନ୍ୟ ନିୟମିତ ପରୀକ୍ଷା ଗୁଡିକ ଯାହାକି ସକାଳ ୮ଘଂଟାରୁ ସନ୍ଧ୍ୟା ୬ଘଣ୍ଟା ମଧ୍ୟରେ ପରୀକ୍ଷା କରାଯାଇଛି ତାହାର ରିପର୍ଟ ୬ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ ଏବଂ ସନ୍ଧ୍ୟା ୬ଘଟିକାରୁ ସକାଳ ୮ଘଟିକା ମଧ୍ୟରେ ଯେଉଁ କେଶ ପରୀକ୍ଷା କରାଯିବ ତାହା ୧୨ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ । ପରୀକ୍ଷା ରିପୋର୍ଟ ହାର୍ଡ କପି ଦିଆଯିବ । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଳମୋହନ ରାଉତରାୟ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ର ଡିପିଏମ ରାଜେଶ୍ୱର ରାୟ ପଟ୍ଟନାୟକ, ସିଟିସ୍କେନ ପରିଚାଳନା ପାଇଁ ନିୟୋଜିତ ବୈଷୟକ ଟିମ, ସ୍ପନ୍ଦନ ଡ଼ାଇଗ୍ନଷ୍ଟିକ୍ସ ସଂସ୍ଥାର କର୍ମକର୍ତ୍ତା ଆଦି ଉପସ୍ଥିତ ଥିଲେ ।

## ଟ୍ରକ୍ ଡ୍ରାଇଭରଙ୍କ ଆତଙ୍କରାଜ- ଟ୍ରକ୍ ମଧ୍ୟକୁ ଜଣଙ୍କୁ ଅପହରଣ ଉଦ୍ୟମ

ପାରାଦୀପ,(ପି.ଏନ): ଟ୍ରକ୍ ଓଭରଟେକିଂକୁ ନେଇ କାର୍ଯ୍ୟରତ ହୋମଗାର୍ଡଙ୍କୁ ଟ୍ରକ୍ ଚଢାଇ ମାରି ଦେବା ଘଟଣାକୁ ତିନି ଦିନ ନପୁରୁଣୁ ପୁଣି ଏକ ଘଟଣା ଏବେ ଲୋକମାନଙ୍କ ଆଗରେ ଦେଖିବାକୁ ମିଳିଛି । ଗତ ଶନିବାର ଦିନ ପାରାଦୀପ ଉପକଣ୍ଠ ଦୋଛକିରେ କାର୍ଯ୍ୟରତ ଲକ୍ ଥାନା ହୋମ୍‌ଗାର୍ଡ ରାଜେନ୍ଦ୍ର ପ୍ରଧାନଙ୍କୁ ଧାଡି ଭାଙ୍ଗି ଆଇରନ୍ ଓଭରଟେକ୍ ଟ୍ରକ୍ ଚଢି ଯାଇଥିଲା । ଯାହାକୁ ନେଇ ସେଠାରେ ଦୀର୍ଘ ୭ ଘଣ୍ଟା ଧରି ରାସ୍ତା ଅବରୋଧ ହୋଇଥିଲା । ସ୍ଥାନୀୟ ବିଧାୟକ ତଥା ଶିକ୍ଷମନ୍ତ୍ରୀ ପହଂଚିବା ପରେ ରାସ୍ତା ଅବରୋଧ ହଟିଥିଲା । ଏହି ଘଟଣାର ତିନି ଦିନ ନପୂରୁଣୁ ଆଉ ଏକ ଘଟଣାର ଦୃଶ୍ୟ ଭାଇରାଲ୍ ହେବାରେ ଲାଗିଛି । ଜଣେ ବ୍ୟକ୍ତିଙ୍କୁ ମୋବାଇଲ୍ ଚୋରର ଆଖ୍ୟା ଦେଇ ତାଙ୍କୁ ଜବରଦସ୍ତ ଅପହରଣ କରୁଥିବାର ଦୃଶ୍ୟ ଏହି ଫଟୋରେ ଦେଖିବାକୁ ମିଳିଛି । ଏହି ଦୃଶ୍ୟରେ ସଂପୃକ୍ତ ବ୍ୟକ୍ତିଙ୍କର ହାତ ପଛ ପଟୁ ବନ୍ଧା ହୋଇଥିବା ବେଳେ ତାଙ୍କୁ ଜବରଦସ୍ତ ଟ୍ରକ୍ ଭିତରକୁ ଠେଲିକି ଭର୍ତ୍ତି କରାଯାଉଛି । ଏହି ଦୃଶ୍ୟ ଯିଏବି ଦେଖିବ ସିଏ କହିବ ପାରାଦୀପରେ ଟ୍ରକ୍ ଡ୍ରାଇଭରଙ୍କ ଗୁଣ୍ଡାରାଜ କେତେ ପରିମାଣରେ ବଢିଯାଇଛି ।

# ରୋଟାରୀ କଟକ ମିଲେନିୟମ ପକ୍ଷରୁ କ୍ୟାନସର ପୀଡିତଙ୍କୁ ଖାଦ୍ୟ ବିତରଣ



କଟକ,(ପି.ଏନ): ରୋଟାରୀ କ୍ଲବ ଅଫ୍ କଟକ ମିଲେନିୟମ ପକ୍ଷରୁ ମର୍କତନଗର ସେକ୍ଟର-୮ସ୍ଥିତ କ୍ୟାନସର ରୋଗୀଙ୍କପାଇଁ ସ୍ୱଳ୍ପକାଳୀନ ରହଣୀ ସ୍ଥାନ ଆପନା ଘର ଅନୁଷ୍ଠାନରେ ରନ୍ଧା ଖାଦ୍ୟ ବିତରଣ କରାଯାଇଛି । ରୋଟାରୀ ଏହି ଦିବସକୁ ଅନ୍ନପୂର୍ଣ୍ଣା ଦିବସ ଭାବରେ ପାଳନ କରିଥାଏକ୍ଷ ଏହି କାର୍ଯ୍ୟକ୍ରମରେ କ୍ଲବର ପୂର୍ବତନ ସଭାପତି ଡ. ଅନଙ୍ଗ ମୋହନ ଦ୍ୱିବେଦୀ, ଡ.ଚନ୍ଦ୍ରପ୍ରଭା ମହାନ୍ତି, ଡ.ଜଗନ୍ନାଥ ଦାସ, ପ୍ରଦୀପ ମହାନ୍ତି , ପୂର୍ବତନ ସମ୍ପାଦକ ଜ୍ଞାନେନ୍ଦ୍ର ବିଶ୍ୱାଳ, ସୁଧୀର ରଥ ପ୍ରମୁଖ ଯୋଗ ଦେଇଥିଲେ ।ଅପନା ଘର ଅନୁଷ୍ଠାନର କର୍ମକର୍ତ୍ତା ଲିପିକା ଲୋପାମୁଦ୍ରା ଓ ମଧୁସ୍ମିତା ବେହେରା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । କ୍ଲବର ସଭାପତି ଦୀପକ କୁମାର ମହାନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ଶ୍ରମିକ ଛଟେଇକୁ ନେଇ ବିଅର ଫ୍ୟାକ୍ଟ୍ରି ଆଗରେ ଧାରଣା



ପାରାଦୀପ.(ପି.ଏନ): ପାରାଦୀପ ଉପକଣ୍ଠରେ ଥିବା ବିଅର ଫ୍ୟାକ୍ଟ୍ରି ଆଗରେ ମଙ୍ଗଳବାର ଦିନ ଶ୍ରମିକମାନଙ୍କ ଅର୍ଶାଁ ଦେଖା ଦେଇଛି । ବେଆଇନ୍ ଭାବେ ଶ୍ରମିକମାନଙ୍କୁ ଝଟେଇ କରା ଯାଇଥିବା ପ୍ରତିବାଦରେ ଶହ ଶହ ଶ୍ରମିକ ଧାରଣା ଦେଇଛନ୍ତି । ଘଟଣାରୁ ପ୍ରକାଶଯେ, ପାରାଦୀପ ଉପକଣ୍ଠରେ କାର୍ଲ୍ସ ବ୍ରିୟରିଜ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ମଦ ଉତ୍ପାଦନକାରୀ କାରଖାନା ରହିଛି । ବିଭିନ୍ନ ସମୟରେ ଏହି କାରଖାନା ବିକ୍ରି ହୋଇ ଚାଲିଛି । ଏହି କମ୍ପାନୀ ବିଭିନ୍ନ ସମୟରେ ମନମୁଖୀ ଭାବେ ଶ୍ରମିକମାନଙ୍କୁ ଛଟେଇ କରି ବାହାରୁ ନୂଆ ନୂଆ ଶ୍ରମିକମାନଙ୍କୁ ଆଣି କାମରେ ନିଯୁକ୍ତି ଦେଉଛି । ଦୀର୍ଘ ୩୦ ବର୍ଷ ହେବ ଏଠାରେ କାମ କରୁଥିବା ଶ୍ରମିକମାନଙ୍କୁ ନୂଆ ଠିକାଦାର ଛଟେଇ କରି ନୂଆ ଶ୍ରମିକଙ୍କୁ କାମରେ ନିଯୁକ୍ତି କରିଥିବା ନେଇ ଅଭିଯୋଗ କରିଛନ୍ତି ବାପିନା ସ୍ୱାଇଁ, ପ୍ରତାପ କୁମାର ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ସେଠୀ । ଛଟେଇ ହୋଇଥିବା ୧୯୩ଜଣ ଶ୍ରମିକ ବେଆଇନ୍ ଛଟେଇକୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି । ଧାରଣାରେ ବସିଥିବା ଛଟେଇ ଶ୍ରମିକମାନଙ୍କ କହିବା କଥା ହେଲା ବିଅର ଫ୍ୟାକ୍ଟ୍ରି ସେମାନଙ୍କୁ ଅନ୍ୟକମ୍ପାନୀ ଅପେକ୍ଷା କମ୍ ଦରମା ଦେଉଛି । ଛଟେଇ କର୍ମଚାରୀମାନଙ୍କୁ ଯଦି ତୁରନ୍ତ ନ୍ୟାୟ ନ ମିଳେ ତେବେ ସେମାନେ ଆଗକୁ ଆନ୍ଦୋଳନକୁ ତୀବ୍ର କରିବେ ବୋଲି କହିଛନ୍ତି

# ଧର୍ମଶାଳା ବିଜେପିର ମିଶ୍ରଣ ପର୍ବ



ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେପିର ଏକ ମିଶ୍ରଣ ପର୍ବ ଜାରକା(କୁମାରୀ)ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ୧୨ଜଣ ସମିତିସଭ୍ୟ, ୮ଜଣ ସରପଂଚ ଓ ବିଜେଡ଼ିର ବହୁ ନେତା ଓ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି । ରସୁଲପୁର ବ୍ଲକ୍ ନଠୁଆବର ପଂଚାୟତ ସମିତିସଭ୍ୟ କୁଳତା ପଣ୍ଡା, ସିଂହାପୁର ପଂଚାୟତ ସରପଂଚ ହୃଦାନନ୍ଦ ସାହୁ, ଧର୍ମଶାଳା ବ୍ଲକ୍ ଦେଓଦା ପଂଚାୟତ ସମିତିସଭ୍ୟ ଅନ' ତରାଇ, ପୂର୍ବତନ ସରପଂଚ ପିତାମ୍ବର ନାୟକ, ମଙ୍ଗଳପୁର ସରପଂଚ ପ୍ରମୋଦ କୁମାର ଜେନା, ଚହଟା ସରପଂଚ ସୁମିତ୍ରା ସ୍ୱାଇଁ, ସମିତିସଭ୍ୟା ସସ୍ମିତା ନାୟକ, ମିର୍ଜାପୁର ସମିତିସଭ୍ୟଙ୍କ ସ୍ୱାମୀ ବୃନ୍ଦାବନ ବେହେରା, ଭବାନୀପୁର ସମିତି ସଭ୍ୟା ସରୋଜିନୀ ମର୍ହ୍ଣ, ସୁନ୍ଦୁରିଆ ସରପଂଚ ନିର୍ମଳ କୁମାର ଦାସ, ସମିତି ସଭ୍ୟ ନିତ୍ୟାନନ୍ଦ ବିଶ୍ୱାଳ, ବିଜେଡ଼ି ପଂଚାୟତ ସଭାପତି ହେମ' ଜେନା, ମହିସରା ସରପଂଚ ସଫଳା ବେହେରା, ସମିତିସଭ୍ୟ ପବିତ୍ର ବେହେରା, ମଧୁସୁଦନପୁର ସମିତିସଭ୍ୟ ବିଦ୍ୟାଧର ମଲିକ, ହରିଦାସପୁର ସରପଂଚ ବିକ୍ରମ ବିଶ୍ୱାଳ, ସମିତିସଭ୍ୟା ସବିତା ସାମଲ, ବିଜେଡ଼ି ପଂଚାୟତ ସଭାପତି ଡ. ସୀତାଂଶୁ ଶେଖର କର, ଗଙ୍ଗାଧରପୁର ସମିତିସଭ୍ୟା ତିଳୋତମା ବରାଳ, କ୍ଷେତ୍ରପାଳ ନାଏବ୍ ସରପଂଚ ସୁବାସ ଚନ୍ଦ୍ର ଜେନା, ଯୁବ ବିଜେଡ଼ି ସାଧାରଣ ସଂପାଦକ ସ୍ମୃତିରଂଜନ ବେହେରା, ଜିଲ୍ଲା ଛାତ୍ର ସଂପାଦକ ସପ୍ତସାଗର ଦାସ, ସ୍ୱାଗତ ଦାସ, ପ୍ରତାପ ଦାସ, ଦେବବ୍ରତ ରାଉତ, ଶୈଳେନ୍ଦ୍ର ସାହୁ, ଅଭିଜିତ୍ ଭୂୟାଁ, ସରୋଜ ସାହୁ, ବିଜେଡ଼ି ନେତା କୃଷ୍ଣଚନ୍ଦ୍ର ରାଉତଙ୍କ ସମେତ ଅନ୍ୟ ଦଳର ଶତାଧିକ କର୍ମୀ ବିଜେପିରେ ଯୋଗ ଦେଇଥିଲେ । ନବାଗତମାନଙ୍କୁ ବିଧାୟକ ଶ୍ରୀ ସାହୁ(ଲିକୁ) ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ବିଜେପି ଯୁବନେତା ସବ୍ୟସାଚୀ ସୁନ୍ଦରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଜେପି ନେତା ଶ୍ରୀକା' ସାହୁ, ସର୍ବେଶ୍ୱର ବେହୁରା, ଉପେନ୍ଦ୍ର କର, ପ୍ରକାଶ ସାମଲ, ଅଧରକା' ଜେନା ଓ ଆଲୋକ ଲେଙ୍କା ସଂଚାଳନ କରିଥିଲେ ।

# ବାସୁଦେବପୁରରେ ଧରାପଡିଲେ ଗଞ୍ଜେଇ ବେପାରୀ

ବାସୁଦେବପୁର,(ପି.ଏନ): ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳ ରେ ପଶ୍ଚିମବଙ୍ଗର ଗଞ୍ଜେଇ ବେପାରୀ ଙ୍କ ରାଜ ଦିନକୁ ଦିନ ବଢିବାରେ ଲାଗିଥିବାବେଳେ ଗତକାଲି ଅପରାହ୍ନରେ ବେତଡା ଗୋରୁ ହାଟ ନିକଟରୁ ତିନି ଜଣ ଙ୍କୁ ଗିରଫ କରିଛି ବାସୁଦେବପୁର ପୋଲିସ । ଏହି ଅବସରରେ ବାସୁଦେବପୁର ଥାନା ପରିସରରେ ଏକ ଖବର ଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ବାସୁଦେବପୁର ଆଇ ଆଇ ସି ଲୋପାମୁଦ୍ରା ନାୟକ। ବାସୁଦେବପୁର ପୋଲିସ କୌଣସି ସୂତ୍ରରୁ ଖବର ପାଇ ଆଇଆଇସି ଲୋପାମୁଦ୍ରା ନାୟକ ଙ୍କ ତତ୍ୱାବଧାନରେ ଏସଆଇ ପୁନମ ଦେବୀ ବେହେରା, ଏସଆଇ ଅଧିକାରୀ ଦେବି ପ୍ରସାଦ ମହାପାତ୍ର ଙ୍କ ସହିତ କନେଷ୍ଟବଳ ସଞ୍ଜୟ ମହନ୍ତ ବେତଡା ଗୋରୁ ହାଟ ଛକରୁ ଗଞ୍ଜେଇ ବେପାରୀ ଏକ ୱାଗନର ଗାଡି ( ଡବ୍ଲୁ ବି ୦୨ଏସ ୨୧୪୩ ) ରେ ଗଞ୍ଜେଇ ଭର୍ତ୍ତି କାରଟିକୁ କାବୁ କରିଥିଲେ ଏବଂ ତିନି ଜଣ ଗଞ୍ଜେଇ ବେପାରୀ ଙ୍କ ସହିତ ୨୦ କିଲୋଗ୍ରାମ ରୁ ଅଧିକ ଗଞ୍ଜେଇ , ଏକ ୱାଗନର ଗାଡି ( ଡବ୍ଲୁ ବି ୦୨ଏସ ୨୧୪୩ ) ,ଏକ ହୋଣ୍ଡା ୟୁନିକନ ମଟରସାଇକେଲ ( କେ ଏ ୦୨ ଇ ଏସ ୨୩୪ ) , ତିନୋଟି ମୋବାଇଲ, ନଗଦ ୫୦୦୦୦ ଟଙ୍କା ଜବତ୍ କରିଥିଲେ। ଗିରଫ ହୋଇଥିବା ତିନି ଜଣ ପଶ୍ଚିମ ବଙ୍ଗର ୨୪ ପ୍ରଗଣାର କାଲୁ ହଲଦାର (୩୭), ମୋସରାଫିଲ୍ ଲସ୍କର (୧୯), ସଞ୍ଜୟ ସରକାର (୪୭)। ଏହି ଘଟଣାରେ ଗିରଫ ହୋଇଥିବା ତିନି ଜଣଙ୍କୁ କେଶ ନଂ ୫୩୫/୨୪ରେ ୟୁ/ଏସ - ୨୦ ( ବି)( ସସ )(ସି) ଏନଡିପିଏସରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ବାସୁଦେବପୁର ପୋଲିସ। ସେହିପରି ଭାବରେ ବାସୁଦେବପୁର ଅବକାରୀ ବିଭାଗ ପକ୍ଷରୁ ଜଣେ ଗଞ୍ଜେଇ ବେପାରୀ ଙ୍କୁ ଗିରଫ କରିବା ସହିତ ୯ କିଲୋଗ୍ରାମ ର ଗଞ୍ଜେଇ ଜବତ୍ କରିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗତକାଲି ସକାଳ ପ୍ରାୟ ୯ଟା ସମୟରେ କୌଣସି ସୂତ୍ରରୁ ଖବର ପାଇ ବାସୁଦେବପୁର ଅବକାରୀ ବିଭାଗ ପକ୍ଷରୁ ସୁପରିନଟେଣ୍ଡେଣ୍ଟ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓ ଆଇ ସି ନଟବର ମଲ୍ଲିକ୍ ଏବଂ ତାଙ୍କ ଟିମ୍ ଙ୍କ ମିଳିତ ଭାବରେ ଚଢାଉ କରି ମାତାଜୀମଠ ଛକରୁ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହିତ ଏକ ହୁଣ୍ଡାଇ କାର ( ଓ ଡି ୦୧ ୱାଇ ୬୫୬୯) ଏବଂ ନଗଦ ୧୨୦୦୦ ଟଙ୍କା ଜବତ୍ କରିଥିଲେ। ଗିରଫ ହୋଇଥିବା ଗଞ୍ଜେଇ ବେପାରୀ ବେତଡା ଚନ୍ଦନପୁର ଗ୍ରାମ ର କଳ୍ପତରୁ ବିଶ୍ୱାଳଙ୍କୁ କେଶ ନଂ ୬୬/୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray